## ସଂକ୍ଷେପରେ




### ପ୍ରତିଶ୍ରୁତି ପାଳନ କରିନି ପ୍ରଶାସନ

## ୨୨ରେ ବସ୍ତି ସୁରକ୍ଷା ମଞ୍ଚର ପ୍ରତୀକ ଧାରଣା

**ପାରଳାଖେମୁଣ୍ଡି, ୧୯।୧(ସ୍ୱ.ପ୍ର.):** ଗଜପତି ଜିଲା ପାରଳାଖେମୁଣ୍ଡି ସହରର ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ଓ ବିଦ୍ୟୁତ ସଂଯୋଗ ଯୋଗାଇବା ଦାବି ନେଇ ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ଆଗାମୀ ୨୨ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣା ଦିଆଯିବ। ଶନିବାର ସ୍ଥାନୀୟ ରେଳଷ୍ଟେଶନ ନିକଟରେ ମଞ୍ଚ ପକ୍ଷରୁ ଆହୂତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ପୂର୍ବରୁ ତିତ୍‌ଲି ବାତ୍ୟା ପ୍ରପୀଡ଼ିତଙ୍କୁ ସହାୟତା ରାଶି ପ୍ରଦାନରେ ବିଳମ୍ବ ନେଇ ମଞ୍ଚ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯିବା ସହ ଘଣ୍ଟ ପିଟି ଶୋଭାଯାତ୍ରା କରାଯାଇ ପ୍ରଶାସନକୁ ସ୍ମାରକପତ୍ର ଦିଆଯାଇଥିଲା। ସର୍ଭେ ଅନ୍ତର୍ଭୁକ୍ତ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ଏବଂ ଦାବି ଅନୁଯାୟୀ ପାରଳାଖେମୁଣ୍ଡି ପୌରପରିଷଦ ଅନ୍ତର୍ଗତ ୱାର୍ଡ ନଂ-୧୪ର ସଞ୍ଜୟ ଗାନ୍ଧୀ କଲୋନୀସ୍ଥିତ ଉପର ସାହିରେ ବିଦ୍ୟୁତ ସଂଯୋଗ, ପାନୀୟଜଳ ଯୋଗାଣ ଏବଂ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଅଦ୍ୟାବଧି କୌଣସି ପ୍ରତିଶ୍ରୁତି ପାଳନ ହୋଇନାହିଁ। ତେଣୁ ଏହା ପ୍ରତିବାଦରେ ୨୨ତାରିଖରେ ପ୍ରତୀକ ଧାରଣା ଦିଆଯିବ ବୋଲି ମଞ୍ଚ ଆବାହକ ସୁଜିତ ପ୍ରଧାନ କହିଛନ୍ତି।

# ପ୍ରଥମ ଥ୍ରୀଡି ପ୍ରିଣ୍ଟ ଲ୍ୟାବ୍ ଉଦ୍‌ଘାଟିତ

**ପାରଳାଖେମୁଣ୍ଡି, ୧୯।୧(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ଆଲୁରିନଗରସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ପ୍ରଥମ ଥ୍ରୀଡି ପ୍ରିଣ୍ଟ ଲ୍ୟାବ ଏବଂ ଥ୍ରୀଡି ଏକ୍ସପେରିଏନ୍ସ ସେଣ୍ଟର ଲ୍ୟାବ ଉଦ୍‌ଘାଟିତ ହୋଇଯାଇଛି । ଛାତ୍ର ଏବଂ ଅଧ୍ୟାପକମାନଙ୍କ ମିଳିତ ପ୍ରଚେଷ୍ଟାରେ ଆଧୁନିକ ଜ୍ଞାନକୌଶଳରେ ଏହା ନିର୍ମାଣ କରାଯାଇଛି। ଗୋଟିକୁ ପ୍ରି ସ୍କିଥ୍-ଆର୍ଟ-ଟୁ -ପ୍ରିଣ୍ଟ ଏବଂ ଅନ୍ୟଟିକୁ ଏନ୍‌ଜେୟର୍ସ ହବ୍ ଡ୍ରିମ୍ କ୍ରିଏଟ୍ ଇନ୍‌ସ୍ପାୟାର ନାମରେ ନାମିତ କରାଯାଇଛି। ଏମ୍‌ବିଏ ବ୍ଲକ ପକ୍ଷରୁ ଆୟୋଜିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ଉପସଭାପତି ପ୍ରାଧ୍ୟାପକ ଡି.ଏନ୍. ରାଓ, ଆନ୍ଧ୍ରର ଆଇପିଏସ୍ ଅଧିକାରୀ ତଥା ସିଡାପ (ସୋସାଇଟି ଫର୍ ଏମ୍ପ୍ଲୋୟମେଣ୍ଟ ଜେନେରେଶନ ଆଣ୍ଡ ଏଣ୍ଟରପ୍ରାଇଜ ଡେଭଲପ୍‌ମେଣ୍ଟ ଇନ୍ ଆନ୍ଧ୍ରପ୍ରଦେଶ) ପରିଚାଳନା ନିର୍ଦ୍ଦେଶକ ୱାରା ପ୍ରସାଦ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀରମେଶ ଯୋଗଦେଇଥିଲେ। ଅତିଥିମାନେ ଲ୍ୟାବ ବୁଲି ଦେଖିବା ସହ ବିଭିନ୍ନ କଥା ପଚାରି ବୁଝିଥିଲେ। ଲ୍ୟାବ ନିର୍ମାଣ କରିଥିବା ବିଶ୍ୱବିଦ୍ୟାଳୟର ଦୁଇ ପୁରାତନ ଛାତ୍ର ଏ. ରାହୁଲ ଏବଂ ସୁମନ କୁମାର ସିଂଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରଥମ ଥ୍ରୀ-ଡି ଲ୍ୟାବ ସମ୍ପର୍କରେ ସୂଚନା ଦେଇ ବିଶ୍ୱବିଦ୍ୟାଳୟ ଉପସଭାପତି କହିଥିଲେ ଯେ, ଏଠାରେ ସୁମନ ଓ ରାହୁଲ ପଢୁଥିବାବେଳେ ଗତବର୍ଷ ଏଭଳି ପ୍ରକଳ୍ପର ନମୁନା ପ୍ରସ୍ତୁତ କରିଥିଲେ। ପରେ ନିଜସ୍ୱ ପ୍ରଚେଷ୍ଟାରେ ଥ୍ରୀ-ଡି ପ୍ରିଣ୍ଟର ତିଆରି କରିବାରେ ସଫଳ ହୋଇଛନ୍ତି। ଯେ କେହି ବ୍ୟକ୍ତି ମନରେ କୌଣସି ନୂତନ ପ୍ରଡକ୍ଟ ବା ମଡେଲ ଚିନ୍ତାକରି ଯଦି ଥ୍ରୀଡି ପ୍ରିଣ୍ଟରରେ ପକାଇବେ, ତାହା ସେ ଦେଖିପାରିବେ। ଆଗରୁ ଏପରି ସୁବିଧା ନ ଥିଲା। ବର୍ତ୍ତମାନ ରାପିଡ୍ ଟାଇପିଂ ପ୍ରିଣ୍ଟିଂରେ ସମସ୍ତ ଅଂଶ ଥ୍ରୀ-ଡି ପ୍ରିଣ୍ଟରରେ ଦେଖିବାକୁ ମିଳିବ। ପୂର୍ବେ ଯାହା ୩-୪ମାସ ଲାଗୁଥିଲା, ଏଥିରେ ତାହା ମାତ୍ର ୧୫ରୁ ୨୦ଘଣ୍ଟା ମଧ୍ୟରେ ହୋଇଯିବ। ଥ୍ରୀଡିରେ ଚିନ୍ତା କରିବା ଦ୍ୱାରା ପିଲାଙ୍କ ନୂତନ ପ୍ରବର୍ତ୍ତନର ଭାବନା ବୃଦ୍ଧି ହୋଇପାରିବ। ଏହି ଥ୍ରୀଡି ପ୍ରିଣ୍ଟିଂ ଲ୍ୟାବ ୩ଟି ଆକାରର ଯଥା ୧୧୦ x ୧୧୦, ୨୨୦ x ୨୨୦ ଏବଂ ୩୦୦ x ୩୦୦ ବୋଲି ସୂଚନା ଦିଆଯାଇଛି। ବିଦେଶୀ କମ୍ପାନୀଗୁଡ଼ିକର ଥ୍ରୀଡି ମେଶିନ ଅଧିକ ଦାମରେ ବିକ୍ରି ହେଉଥିବାବେଳେ ଏହାକୁ ସେହି ଦାମ୍‌ର ଏକ ତୃତୀୟାଂଶ ଦରରେ ବିକ୍ରି କରାଯିବ। ଏଥିସହ ଏହା ଷ୍ଟାର୍ଟଅପ୍ ଇଣ୍ଡିଆର ଏକ ବଡ ଯୋଗଦାନ ହୋଇପାରିବ। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଅନିତା ପାତ୍ର, ଉପରେଜିଷ୍ଟ୍ରାର ଦୁର୍ଗା ପ୍ରସାଦ ପାଢୀ, ଡିନ୍ ଡ. ଅନୁରାଗ, ଆଞ୍ଚଳିକ ନିର୍ଦ୍ଦେଶକ ସମ୍ପିତ ପାତ୍ର, ରବୀନ୍ଦ୍ର ଶାହା, ଏସ୍.ପି. ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥି ଏବଂ ବିଶ୍ୱବିଦ୍ୟାଳୟ ଅଧିକାରୀମାନେ ଲ୍ୟାବ ବୁଲି ଦେଖୁଛନ୍ତି।

- ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ସଫଳତା
- ନିର୍ମାଣ କରିଛନ୍ତି ପୁରାତନ ଛାତ୍ର ସୁମନ ଓ ରାହୁଲ

# ଟ୍ରେନ୍ ଚଳାଚଳ ବିଳମ୍ବ ଯୋଗୁ ଯାତ୍ରୀ ହଇରାଣ

**ପାରଳାଖେମୁଣ୍ଡି, ୧୯।୧(ସ୍ୱ.ପ୍ର.)**

ଗଜପତି ଜିଲାର ପାରଳାଖେମୁଣ୍ଡି ଷ୍ଟେଶନକୁ ବିଭିନ୍ନ ଟ୍ରେନ ଚଳାଚଳରେ ବିଳମ୍ବ ଯୋଗୁ ଯାତ୍ରୀମାନଙ୍କୁ ହଇରାଣ ହେବାକୁ ପଡୁଛି। ଶନିବାର ରାଉରକେଲା-ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ ପାରଳାଖେମୁଣ୍ଡି ଷ୍ଟେଶନରେ ନିର୍ଦ୍ଧାରିତ ସମୟ ଦିନ ୧ଟା ୧୫ମିନିଟ ପରିବର୍ତ୍ତେ ୨ଟା ୧୫ମିନିଟ ଅର୍ଥାତ ୧ଘଣ୍ଟା ବିଳମ୍ବରେ ପହଞ୍ଚିଥିଲା। ନୌପଡାଠାରୁ ଭାୟା ପାରଳାଖେମୁଣ୍ଡି-ଗୁଣୁପୁର ପର୍ଯ୍ୟନ୍ତ ସିଙ୍ଗଲ ଟ୍ରାକ ରେଳପଥ ଯୋଗୁ ଗୋଟିଏ ଟ୍ରେନ ଯଦି ବିଳମ୍ବ ଘଟେ ତେବେ ଏହି ରୁଟ୍‌ରେ ଆସୁଥିବା ଅନ୍ୟାନ୍ୟ ଟ୍ରେନ ମଧ୍ୟ ବିଳମ୍ବ ଘଟିବା ସ୍ୱାଭାବିକ। ଶନିବାର ପୁରୀ ଠାରୁ ଭାୟା ପାରଳାଖେମୁଣ୍ଡି ଦେଇ ଗୁଣୁପୁର ଯିବାକୁ ଥିବା ପାସେଞ୍ଜର ଟ୍ରେନ୍ ନିର୍ଦ୍ଧାରିତ ସମୟ ସନ୍ଧ୍ୟା ୬.୪୦ ମିନିଟ ପରିବର୍ତ୍ତେ ୧ଘଣ୍ଟା ବିଳମ୍ବ ଅର୍ଥାତ୍ ରାତି ୭.୪୦ମିନିଟରେ ଚଳାଚଳ କରିଥିବା ସୂଚନା ମିଳିଛି। ବର୍ତ୍ତମାନ ପ୍ରବଳ ଶୀତରେ ଏସବୁ ସାନ୍ଧ୍ୟକାଳୀନ ଟ୍ରେନରେ ଯିବା ପାଇଁ ପାରଳାଖେମୁଣ୍ଡି-ଗୁଣୁପୁର, କେ.ସୀତାପୁର, ହାଡୁବାଙ୍ଗୀ, କାଶୀନଗର, ବଂଶଧାରା, ଖାଣ୍ଡବା ଆଦି ଷ୍ଟପେଜ୍‌ଗୁଡ଼ିକରେ ଲୋକେ ଘଣ୍ଟା ଘଣ୍ଟା ସମୟ ଅପେକ୍ଷା କରି ହୀନସ୍ତା ହେଉଥିବା ଦେଖିବାକୁ ମିଳୁଛି । ସେହିପରି ରାତି ସମୟରେ ଗୁଣୁପୁର-ପାରଳାଖେମୁଣ୍ଡି-ପଲାସା ଫାଷ୍ଟ ପାସେଞ୍ଜର ନୌପଡା ଓ ପଲାସାଠାରେ ଦୂରଦୂରାନ୍ତକୁ ଯିବା ପାଇଁ ରହିଥିବା ଏକ୍ସପ୍ରେସ ଟ୍ରେନ୍ ସମୟ ସହ ସଂଯୋଗ କରୁଛି। ମାତ୍ର ଫାଷ୍ଟ ପାସେଞ୍ଜର ବିଳମ୍ବ ଘଟିଲେ ପୂର୍ବରୁ ପଲାସା ହୋଇ ଦୂରଦୂରାନ୍ତକୁ ଯିବାକୁ ଅପେକ୍ଷା କରିଥିବା ଯାତ୍ରୀଙ୍କୁ ଅନେକ ସମୟରେ ନିରାଶ ହେବାକୁ ପଡୁଛି। ନୌପଡା-ଗୁଣୁପୁର ରାସ୍ତା ଦୋହରୀକରଣ ନିମନ୍ତେ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ବିଳମ୍ବ ଘଟୁଛି ତେଣୁ ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ରୁଟ୍‌ରେ ଚଳାଚଳ କରୁଥିବା ଟ୍ରେନ୍‌ଗୁଡ଼ିକର ଠିକ୍ ସମୟ ନିର୍ଘଣ୍ଟ କରାଯିବାକୁ ଯାତ୍ରୀମାନଙ୍କ ତରଫରୁ ଦାବି ହେଉଛି।

## ଘନ କୁହୁଡ଼ି ଯୋଗୁ ଗାଡ଼ି ଚଳାଚଳରେ ସମସ୍ୟା

**ପାରଳାଖେମୁଣ୍ଡି, ୧୯।୧(ସ୍ୱ.ପ୍ର.)**

ଗଜପତି ଜିଲାରେ ଗତ ଦୁଇଦିନ ହେବ ଶୀତର ପ୍ରକୋପ ବୃଦ୍ଧି ପାଇଛି। ଏଥିସହ ସକାଳ ୮ଟା ପର୍ଯ୍ୟନ୍ତ ଘନ କୁହୁଡ଼ି ଆଚ୍ଛାଦିତ ହୋଇରହୁଛି। ଫଳରେ ଗାଡ଼ି ଚଳାଚଳ ନେଇ ସମସ୍ୟା ଉପୁଜୁଥିବାବେଳେ ଦୁର୍ଘଟଣା ଆଶଙ୍କା ସୃଷ୍ଟି ହେଉଛି। ଶୁକ୍ରବାର ଓ ଶନିବାର ପାରଳାଖେମୁଣ୍ଡି ସହର ସମେତ ରାମସାଗର ରୋଡ, ପୁରୁଣାପାଟଣା ରୋଡ୍, ରାଣୀପେଣ୍ଠ ରୋଡ, ଷ୍ଟେଶନରୋଡ୍ ଇତ୍ୟାଦି ଅଞ୍ଚଳକୁ ଘନ କୁହୁଡି ଆଚ୍ଛାଦିତ କରି ରଖିଥିଲା। ଏଥିଯୋଗୁ ସକାଳ ସମୟରେ ମଧ୍ୟ ଯାନବାହନଗୁଡ଼ିକ ଲାଇଟ ଓ ଫଗ୍ ଲାଇଟ ବ୍ୟବହାର କରୁଥିବା ଦେଖିବାକୁ ମିଳିଥିଲା।









## କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଗୁଣପୁର,୧୯।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ଦୁଇ ଦିନ ଧରି ଚାଲିଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି । ମିନି ଷ୍ଟାଡିୟମଠାରେ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଲମ୍ଫଡିଆଁ, ଉଚ୍ଚ ଡିଆଁ, ଡିସକସ ଥ୍ରୋ, ସଟପୁଟ, ଟ୍ରିପଲ ଜମ୍ପ, ଅଖା ଦୌଡ, ଲେମ୍ବୁ ଚାମଚ,ଜାଭଲିନ ଥ୍ରୋ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଗୁଣପୁର କଲେଜର କ୍ରୀଡା ଶିକ୍ଷକ ଦେବ ପ୍ରସାଦ ପାଢୀଙ୍କ ନେତୃତ୍ୱରେ ଅନ୍ୟ ସ୍କୁଲ ଏବଂ କଲେଜର କ୍ରୀଡାଶିକ୍ଷକଙ୍କ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଖେଳ ସାମଗ୍ରୀ ବଣ୍ଟନ

**ରାୟଗଡା ଅଫିସ୍, ୧୯।୧**

ରାୟଗଡା ଲାୟନ୍ସ କ୍ଲବ୍‌ଠାରେ ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଜିଲାର ୧୧ଟି ବ୍ଲକର ୪୦ଟି ଯୁବକ ସଂଘକୁ ଖେଳ ସାମଗ୍ରୀ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରାୟଗଡା ବିଧାୟକ ଲାଲ୍‌ବିହାରୀ ହିମିରିକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳ ସାମଗ୍ରୀ ବଣ୍ଟନ କରିଥିଲେ। ରାୟଗଡା ଜିଲା କ୍ରୀଡା ଅଧିକାରୀ ସେଶ୍ ଅଲେନୁର ଓ ବିଜୟ ମେଲେକା ସମ୍ମାନିତ ଅତିଥି, ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଉଦୟ ନାଏକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନିଜର ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ୪୦ ଯୁବକ ସଂଘର ସଭାପତି, ସମ୍ପାଦକ ଯୋଗ ଦେଇଥିଲେ। ଯୁବ କେନ୍ଦ୍ରର ସଂଯୋଜକ ଶିବ କୁମାର ଏହାକୁ ଆୟୋଜନ କରିଥିଲେ । ଗ୍ରାମାଞ୍ଚଳର ଯୁବକମାନଙ୍କୁ ଏକତ୍ରିତ କରିବା ସହିତ ସେମାନଙ୍କୁ ସଶକ୍ତି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ।

## ସିଆର୍‌ପିଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର

**ରାୟଗଡା ଅଫିସ୍, ୧୯।୧**

ରାୟଗଡା ଜିଲା ବିଷମକଟକ ବ୍ଲକ୍ ମାଓବାଦୀ ପ୍ରଭାବିତ ପରିଚ୍ଛାଗୁଡା ଗ୍ରାମରେ ଥିବା ହାଇସ୍କୁଲ ପରିସରରେ ଶନିବାର ସିଆର୍‌ପିଏଫ୍ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ବ୍ୟାଡମିଣ୍ଟନ, ଭଲିବଲ ଆଦି ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ମିଟୁ ରୟ, ସିଆର୍‌ପିଏଫ୍ ଚତୁର୍ଥ ବାଟାଲିୟନ୍ ଇନ୍ସପେକ୍ଟର ରଣବୀର ସିଂହ ଉପସ୍ଥିତ ରହି ସ୍କୁଲ ଓ ଗ୍ରାମାଞ୍ଚଳର ୫୫ଟି ଟିମ୍‌କୁ ଖେଳ ସାମଗ୍ରୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଷମକଟକ ସରପଞ୍ଚ କାମଳା ପିଡିକା, ଚାଞ୍ଚଡାଗୁଡା ସରପଞ୍ଚ ସି.ୱାଡକା, ଜିଗିରି ସରପଞ୍ଚ ମହିନୀ ଶବର, ପରଛାଗୁଡା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକ, ବିଷମକଟକ ଥାନାଧିକାରୀ ଚର୍ତ୍ତୁଭୂଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

**ପାରଳାଖେମୁଣ୍ଡି, ୧୯।୧(ସ୍ୱ.ପ୍ର.)**

କନ୍ଧମାଳ ଛାତ୍ରୀ ଗର୍ଭବତୀ ଘଟଣା ନେଇ ଶନିବାର ଗଜପତି ଜିଲା ମହିଳା କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । କନ୍ଧମାଳ ଜିଲା ଦାରିଙ୍ଗିବାଡ଼ି ଅଞ୍ଚଳସ୍ଥ ଏକ ଆବାସିକ ବିଦ୍ୟାଳୟର ଛାତ୍ରୀନିବାସରେ ଜଣୈକା ଅଷ୍ଟମଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଘଟଣାକୁ ଜିଲା ମହିଳା କଂଗ୍ରେସ ନିନ୍ଦା କରିଛି। ଘଟଣାର ତଦନ୍ତ କରାଯିବା ସହ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରେମିକା ମଣ୍ଡଳଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ। ଉପଜିଲାପାଳଙ୍କୁ ଜିଲା ମହିଳା କଂଗ୍ରେସ ପକ୍ଷରୁ ସ୍ମାରକପତ୍ର ଦିଆଯାଉଛି।



# +୩ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ପାରଳାଖେମୁଣ୍ଡି, ୧୯।୧(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି +୩ ମହିଳା ମହାବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଗୁରୁ ରଘୁନାଥ ପାତ୍ରଙ୍କ ସଂଯୋଜନାରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅଧ୍ୟାପିକା ଭାରତୀ ପାଣିଗ୍ରାହୀ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ଯୋଗଦେଇ ଗଜପତି ଜିଲାର ଛାତ୍ରୀଙ୍କ ପାଇଁ ଏହି କଲେଜ କିପରି ମହତ୍ତ୍ୱପୂର୍ଣ୍ଣ ହୋଇପାରିଛି ସେନେଇ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ସଂଯୋଜନକ (ଡିଏଲ୍‌ସି) ଶଙ୍କର ପ୍ରସାଦ ବକ୍ସି ଯୋଗଦେଇ ମହାବିଦ୍ୟାଳୟ ସଫଳତାର ସହ ଆଗକୁ ବଢୁଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ, ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରେମିକା ମଣ୍ଡଳ, ମହାବିଦ୍ୟାଳୟର ଅଧ୍ୟକ୍ଷା ରୀନା ସାହୁଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।

- ଜଳସମ୍ପଦ ସଂରକ୍ଷଣ ସଂକ୍ରାନ୍ତ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା

# ସୁସ୍ମିତା ରାଜ୍ୟସ୍ତରକୁ ମନୋନୀତ



କାର୍ଯ୍ୟକ୍ରମରେ ଅତିଥି ଓ ବିଚାରକମାନେ।

**ପାରଳାଖେମୁଣ୍ଡି, ୧୯।୧(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ମହାରାଜା ବାଳିକା ଉଚ୍ଚ ବିଦ୍ୟାଳୟରେ ଜଳସମ୍ପଦ ବିଭାଗ ପକ୍ଷରୁ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପାରଳାଖେମୁଣ୍ଡି କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଶୁଶାନ୍ତ କୁମାର ମିଶ୍ର ଯୋଗଦେଇଥିଲେ। ଜଳର ସଦୁପଯୋଗ ଓ ଜଳସମ୍ପଦ ସଂରକ୍ଷଣ ଶୀର୍ଷକ ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ବହୁ ଛାତ୍ରୀଛାତ୍ର ଭାଗନେଇଥିଲେ। ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରର ଛାତ୍ରୀ ସୁସ୍ମିତା ପଣ୍ଡା ପ୍ରଥମ, ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ଛାତ୍ର ରଘୁନାଥ ପ୍ରସାଦ ପଣ୍ଡା ଦ୍ୱିତୀୟ, ଆର୍.ଉଦୟଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭସ୍ମିତା ପାତ୍ର ତୃତୀୟ ସ୍ଥାନ ହାସଲ କରିଥିଲେ । ଏହି ୩ କୃତୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୩ହଜାର, ୨ହଜାର ଏବଂ ୧୫ଶହ ଟଙ୍କା ନଗଦ ରାଶି ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ଆଗାମୀ ୨୮ ଓ ୨୯ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିଚାରକ ଭାବେ ବାଳାନନ୍ଦ ରଥ, ପ୍ରଫୁଲ୍ଲ ପାଣିଗ୍ରାହୀ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମକୁ ଜିଲା ବିଜ୍ଞାନ ନିରୀକ୍ଷକ ସାତ୍ତ୍ୱିକ କୁମାର ପଟ୍ଟନାୟକ ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷକ ଜି.ସୁଦର୍ଶନ ରାଓ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ୨୦ ଜାନୁୟାରୀ, ୨୦୧୯



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି, ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
-ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ଜୟପୁର,୧୯।୧(ନି.ପ୍ର./ଡି.ଏନ୍.ଏ.): ଜୟପୁର ସଦର ଥାନା କୁମୁଲିପୁଟର ୟୁକ୍ତ ୨ରେ ପଢୁଥିବା ଜଣେ ଛାତ୍ରୀ ଶନିବାର ସକାଳେ ଶୌଚହେବା ପାଇଁ ବିଜେ-୨ କେନାଲକୁ ଯାଉଥିଲେ। ପଛରେ ତାଙ୍କ ମା' ମଧ ଥିଲେ। ସେହି ସମୟରେ ଭକ୍ତ ଗୌଡ଼ (୨୨) ସେହି ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଯୁବତୀ ପାଟି କରିବାରୁ ସ୍ଥାନୀୟ ଲୋକ ଆସୁଥିବା ଦେଖି ଭକ୍ତ ସେଠାରୁ ଚମ୍ପଟ ମାରୁଥିଲେ। ଗାଁଲୋକେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ କାବୁ କରିବା ପରେ ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେଇଥିଲେ। ଏନେଇ ଆମ୍ବାଗୁଡ଼ା ଫାଣ୍ଡିରେ ଯୁବତୀଙ୍କ ବାପା ଏତଲା ଦେବା ପରେ ପୋଲିସ ବଳାତ୍କାର ଉଦ୍ୟମ ମାମଲା ରୁଜୁ କରିଛି। କିନ୍ତୁ ଭକ୍ତଙ୍କ ସ୍ତ୍ରୀ ଏହି ଅଭିଯୋଗ ମିଛ ବୋଲି କହିଛନ୍ତି। ସେ କହିଥିଲେ, ତାଙ୍କ ସ୍ୱାମୀ ଇଟାଭାଟିକୁ ପାଣି ପକାଇବାକୁ ଯାଇଥିଲେ। ସେମାନେ ମୋ ସ୍ୱାମୀଙ୍କୁ ମାଡ଼ ମାରିଥିବା ବେଳେ ନିଜେ ଫସିଯିବେ ବୋଲି ମିଛ ମାମଲା ଥାନାରେ ଦେଇଛନ୍ତି। ଭକ୍ତଙ୍କୁ ଚିକିତ୍ସା ପାଇଁ ଜିଲା ଚିକିତ୍ସାଳୟ ପଠାଇ ପୋଲିସ ମାମଲାର ତଦନ୍ତ କରୁଥିବା ଫାଣ୍ଡି ଅଧିକାରୀ ନାରାୟଣ ପଟ୍ଟନାୟକ କହିଛନ୍ତି।

### ୪୦ ଯୁବକ ସଂଘକୁ ମିଳିଲା କ୍ରୀଡ଼ା ସାମଗ୍ରୀ



କୋରାପୁଟ,୧୯।୧(ସ୍ୱ.ପ୍ର.): ନେହରୁ ଯୁବକେନ୍ଦ୍ର ପକ୍ଷରୁ ଶନିବାର କୋରାପୁଟ ଜିଲାର ୪୦ଟି ଯୁବକ ସଂଘକୁ ବିଭିନ୍ନ କ୍ରୀଡ଼ା ଉପକରଣ ପ୍ରଦାନ କରାଯାଇଛି। କୋରାପୁଟ ସ୍ଥିତ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରର ଯୁବ ସଂଯୋଜକ ଅମୃତେଶ ପାଇଡି, ଆଥଲେଟିକ ତଥା ଦୃଷ୍ଟିହୀନ କ୍ରିକେଟ ଦଳର କୋଚ ଚନ୍ଦ୍ରଶେଖର ପଟ୍ଟନାୟକ, ଏନଏସଏସ ଅଧିକାରୀ କିଶୋର ଚନ୍ଦ୍ର ବେହେରା, ଆଇନଜୀବୀ କେଦାରନାଥ ସେନାପତି, ଯୁବ ସଂଯୋଜକ ପ୍ରଦୀପ ଟାକ୍ରି ଉପସ୍ଥିତ ଥିଲେ। ଏଥିରେ କ୍ୟାରେମ ବୋର୍ଡ, ଭଲିବଲ, ଫୁଟବଲ, ଭଲିବଲ ନେଟ ଭଳି ବିଭିନ୍ନ ସାମଗ୍ରୀ ଦିଆଯାଇଛି।

### ପୃଥକ୍ ଦୁର୍ଘଟଣାରେ ୩ ଗୁରୁତର

କୋରାପୁଟ/ନାରାୟଣପାଟଣା,୧୯।୧ (ସ୍ୱ.ପ୍ର./ଡି.ଏନ୍.ଏ.): ନାରାୟଣପାଟଣାରେ ଶନିବାର ହୋଇଥିବା ପୃଥକ୍ ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧରୁ ଜଣକୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ନାରାୟଣପାଟଣାରେ ଆୟୋଜିତ ପିଠା କାର୍ଯ୍ୟକ୍ରମକୁ ବାଲିପେଟା ଗ୍ରାମର ଟୁନା ମୁଦୁଲି (୨୨) ଓ ନର ମୁଦୁଲି (୨୦) ବାଇକ୍‌ରେ ଆସୁଥିଲେ। ନାରାୟଣପାଟଣା ଉପକଣ୍ଠରେ ଦୁର୍ଘଟଣା ଘଟି ସେମାନେ ଗୁରୁତର ହୋଇଥିଲେ। ସେମାନଙ୍କୁ ନାରାୟଣପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ଟୁନାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେହିପରି ପିଠା କାର୍ଯ୍ୟକ୍ରମକୁ ସାଇକେଲରେ ଆସୁଥିବା ବେଳେ ଦୁର୍ଘଟଣା ଘଟି ଡୁମ୍ବାଗୁଡ଼ାର ଗ୍ରାମର ସୁବାରାଓ ହିକ୍‌କା (୧୨)ଙ୍କ ହାତ ଭାଙ୍ଗିଯିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଖବରପାଇ ନାରାୟଣପାଟଣା ଏସ୍‌ଆଇ ସମ୍ବିତ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ କେତେକ ଖବରଦାତାଙ୍କ ସହାୟତାରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ଶିଡ଼ିରୁ ଖସି ବୃଦ୍ଧ ମୃତ

ବ୍ରହ୍ମପୁର ଅଫିସ୍,୧୯।୧: ବୈଦ୍ୟନାଥପୁର ଥାନା ଅଧୀନ ଇନ୍ଦିରା ନଗର ପ୍ରଥମ ଲେନ୍ ଅଞ୍ଚଳରେ ଶିଡ଼ିରୁ ଖସି ଶନିବାର ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଆସିକା ଥାନା ତାରସିଂ ଗ୍ରାମର ଉଦୟନାଥ ପଟ୍ଟନାୟକ (୭୧)। ଉଦୟନାଥ ୨ ଦିନ ପୂର୍ବେ ଝିଅ ଘରକୁ ଆସିଥିଲେ। ଶନିବାର ସକାଳେ ଶିଡ଼ିରୁ ଓହ୍ଲାଉଥିବା ବେଳେ ଅସାବଧାନତାରୁ ଖସିଯାଇ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ନଂ ୨୬/୧୯ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ୬୭ତମ ପିଏଲ୍‌ସି ବୈଠକ

# ୨୦୧୯-୨୦ ପାଇଁ ୧୧.୩୫ କୋଟି ବ୍ୟୟ ଅଟକଳ

କୋରାପୁଟ,୧୯।୧(ସ୍ୱ.ପ୍ର.)



ପିଏଲ୍‌ସି ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଶନିବାର ୬୭ତମ ଜିଲା ପ୍ରକଳ୍ପସ୍ତରୀୟ କମିଟି (ପିଏଲ୍‌ସି)ର ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧୧କୋଟି ୩୫ ଲକ୍ଷ ୪୩ ହଜାର ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି।

୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଏସ୍‌ସିଏ ଟୁ ଟିଏସ୍‌ପି ଯୋଜନାରେ ୫କୋଟି ୩୫ ଲକ୍ଷ ୪୩ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଛି। ଏଥିରେ ସ୍ୱୟଂ ସହାୟିକା ଗୋଷ୍ଠୀର ଉନ୍ନତି ପାଇଁ ୫୦ ଲକ୍ଷ, ୱାଡି ଯୋଜନାରେ ୩୭ ଲକ୍ଷ, ଆଇଟିଡିଏ ପକ୍ଷରୁ ପନିପରିବା ଚାଷ ପାଇଁ ୨୩ ଲକ୍ଷ, ଦକ୍ଷତା ବୃଦ୍ଧି ତାଲିମ ବାବଦରେ ୫୦ ଲକ୍ଷ, ନିଯୁକ୍ତିଭିତ୍ତିକ ତାଲିମ ବାବଦରେ ୫୦ ଲକ୍ଷ, ଜଳସେଚନ ବାବଦରେ ୫୦ ଲକ୍ଷ, ଫାର୍ମ ପାଇଁ ୬୪ ଲକ୍ଷ, କୃଷି ନେଇ ୨୦ ଲକ୍ଷ, ଉଦ୍ୟାନ କୃଷି ୩୦ ଲକ୍ଷ, ଗ୍ରାମାଞ୍ଚଳ ହାଟର ଉନ୍ନତି ପାଇଁ ୪୭ ଲକ୍ଷ ୬୮ ହଜାର, ଆଦିବାସୀ ଅଞ୍ଚଳରେ ଗମନାଗମନ ଉନ୍ନତି ପାଇଁ ୧ କୋଟି ୧୩ ଲକ୍ଷ ୭୫ ହଜାର ଟଙ୍କା ଅଟକଳ କରାଯାଇଛି। ସେହିପରି ଆଦିବାସୀ ଅଞ୍ଚଳ ଉନ୍ନତି ପାଇଁ ଧାରା ୨୭୫(୧) ଯୋଜନାରେ ୬ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ସେଥିରୁ ଜିଲାର ବିଭିନ୍ନ ବିଦ୍ୟାଳୟ ଓ ଛାତ୍ରାବାସର ଉନ୍ନତି ପାଇଁ ୧ କୋଟି, ଅତିରିକ୍ତ ଶ୍ରେଣୀ ଗୃହ ପାଇଁ ୫୦ ଲକ୍ଷ, ବିଦ୍ୟାଳୟର ପାଚେରି ପାଇଁ ୩୦ ଲକ୍ଷ, ରୋଷେଇ ଓ ଡାଇନିଂ ଗୃହ ପାଇଁ ୬୦ ଲକ୍ଷ, ଛାତ୍ରାବାସ ଓ ବିଦ୍ୟାଳୟ ମରାମତି ପାଇଁ ୨ କୋଟି, ବିଦ୍ୟାଳୟ କର୍ମଚାରୀଙ୍କ ଗୃହ ପାଇଁ ୫୦ ଲକ୍ଷ, ବିଦ୍ୟାଳୟ ଯିବା ପାଇଁ ଗମନାଗମନ ଉନ୍ନତି ପାଇଁ ୫୦ ଲକ୍ଷ, ପାଇଖାନା ଓ ପରିମଳ ବିକାଶ ପାଇଁ ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ୨୦୧୮-୧୯ ବର୍ଷରେ ଏସ୍‌ସିଏ ଟୁ ଟିଏସ୍‌ପି ଯୋଜନାରେ ଜିଲାକୁ ୪ କୋଟି ୨୮ ଲକ୍ଷ ୩୫ ହଜାର ଟଙ୍କା ମିଳିଥିବା ବେଳେ ଧାରା ୨୭୫(୧) ଯୋଜନାରେ ୫ କୋଟି ୧୦ ଲକ୍ଷ ୯୧ ହଜାର ଟଙ୍କା ମିଳିଥିଲା। ବୈଠକରେ ଏମ୍‌ପି ଝିନ୍ନ ହିକ୍‌କା, ପଟ୍ଟାଙ୍ଗି ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ପ୍ରଫୁଲ୍ଲ ପାଙ୍ଗି, କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି, ଜିଲା ପରିଷଦ ଅଧକ୍ଷ ପ୍ରଭୁ ଜାନି, ଡିଏଫ୍‌ଓ ପି. ପୂର୍ଣ୍ଣିମା ଉପସ୍ଥିତ ଥିଲେ।

# କୋଟିଆ ଗସ୍ତକଲେ ରାଜସ୍ୱ ସଚିବ



ସ୍ଥାନୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ରାଜସ୍ୱ ସଚିବ।

କୋରାପୁଟ,୧୯।୧(ସ୍ୱ.ପ୍ର.)

■ଡକନି ୟେଲେଙ୍ଗାବାଲସା ଗାଁ ବିଷୟରେ କୋରାପୁଟ ପ୍ରଶାସନ ସହ କଲେ ଆଲୋଚନା

କୋରାପୁଟ ଜିଲା କୋଟିଆକୁ ଶନିବାର ରାଜସ୍ୱ ସଚିବ ତଥା କମିଶନର ଅଶୋକ ନାୟକ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ଡଙ୍କନି ୟେରେଙ୍ଗାବାଲସା ଗ୍ରାମ ଓଡ଼ିଶାର ବୋଲି ଏଇ ନିକଟରେ ଖବରଦାତା ସମ୍ମିଳନୀରେ ପୂର୍ବତନ ଜିଲାପାଳ ଗଦାଧର ପରିଡ଼ା ସୂଚନା ଦେଇଥିବା ବେଳେ ଏହା ଉପରେ ସଚିବ ତର୍ଜମା କରିଛନ୍ତି। ଗସ୍ତ ବେଳେ କୋରାପୁଟ ଉପଜିଲାପାଳ ଲଳିତ କହଁର, ପଟ୍ଟାଙ୍ଗି ତହସିଲଦାର ଡ. ଅରୁଣ ଖଣ୍ଡା, ପଞ୍ଚାୟତ ନିର୍ବାହୀ ଅଧିକାରୀ ତିଳକ ଖେମୁଣ୍ଡୁ, କନିଷ୍ଠ ଯନ୍ତ୍ରୀ ବିଜୟା ନନ୍ଦ, ରାଜସ୍ୱ ସୁପରଭାଇଜର ଭାସ୍କର ଗମାଙ୍ଗଙ୍କ ସହ ମଧ ସଚିବ କୋଟିଆ ବାବଦରେ ଆଲୋଚନା କରିଛନ୍ତି। ଆନ୍ଧ୍ର ସରକାର ଜନ୍ମଭୂମି କାର୍ଯ୍ୟକ୍ରମ ଜରିଆରେ କୋଟିଆର ବିଭିନ୍ନ ଗ୍ରାମରେ ପଶି ଲୋକଙ୍କ ନିକଟତର ହେବାକୁ ଉଦ୍ୟମ ଚଳାଇଛନ୍ତି। ଅପରପକ୍ଷେ କୋରାପୁଟ ଜିଲା ପ୍ରଶାସନ ମଧ ଓଡ଼ିଶା ସରକାରଙ୍କ ପିଠା ଓ କାଳିଆ ଯୋଜନାର ଲାଭ ନେବା ପାଇଁ କୋଟିଆବାସୀଙ୍କୁ ସଚେତନ କରୁଛି। ଏଇ ନିକଟରେ ଗମନାଗମନ ସୁବିଧା ପାଇଁ ସେଠାରେ ରାସ୍ତାକାମ ଆରମ୍ଭ କରିଛି ପ୍ରଶାସନ।

## ଜମାରାଶି ଚେକ୍ ଧରି ଦୌଡୁଛନ୍ତି ବ୍ୟବସାୟୀ

# ହାଇକୋର୍ଟ ନିର୍ଦ୍ଦେଶକୁ ମାନୁନି ପୌରସଂସ୍ଥା

ଜୟପୁର,୧୯।୧(ଡି.ଏନ୍.ଏ.)

**ଦୈନିକ ବଜାର ଷ୍ଟଲ ଆବଣ୍ଟନ ପ୍ରସଙ୍ଗ**

ଜୟପୁର ପୌରସଂସ୍ଥା ଅଧୀନ କୁମାର ବିଦ୍ୟାଧର ସିଂଦେଓ ଦୈନିକ ବଜାରରେ ନବନିର୍ମିତ ଷ୍ଟଲ ପାଇଁ ୩ ଜଣ ବ୍ୟବସାୟୀ ହାଇକୋର୍ଟରେ ଆବେଦନ କରିଥିଲେ। ୨ ଲକ୍ଷ ଟଙ୍କା ଜମାରାଶି ଦେଇ ଷ୍ଟଲ ନେବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ହୋଇଥିଲେ ମଧ ପୌରସଂସ୍ଥା ଏହାକୁ ମାନୁ ନଥିବା ୩ ଆବେଦନକାରୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଜୟପୁର ପୌରସଂସ୍ଥା ଜମିରେ ଦୋକାନ କରି ୮ଜଣ ବ୍ୟବସାୟୀ ୫ ହଜାର ଟଙ୍କା ଜମାରାଶି ପୌରସଂସ୍ଥା କାର୍ଯ୍ୟାଳୟରେ ଦେବା ସହ ମାସିକ ଭଡ଼ା ଦେଇଆସୁଥିଲେ। ୨୦୦୬ରେ ଏଠାରେ ଷ୍ଟଲ ନିର୍ମାଣ ସହ ଉପରୋକ୍ତ ବ୍ୟବସାୟୀମାନଙ୍କୁ ପ୍ରଥମେ ଏହାର ସୁଯୋଗ ଦେବାକୁ ନିଷ୍ପତ୍ତି ହୋଇଥିଲା। ୨୦୧୬ରେ ନିର୍ମାଣ ସରିବା ପରେ ଟେଣ୍ଡର ପ୍ରକ୍ରିୟାରେ ପ୍ରତ୍ୟେକ ଷ୍ଟଲ ବାବଦକୁ ୪ ଲକ୍ଷ ଟଙ୍କା ଜମାରାଶି ଦେବା ପାଇଁ ନୋଟିସ୍ କରାଯାଇଥିଲା। ଏହା ବିରୋଧରେ ୮ ଜଣ ବ୍ୟବସାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨ ଲକ୍ଷ ଟଙ୍କାର ଜମାରାଶି ନେଇ ଆବେଦନକାରୀ ଅଜୟ କୁମାରଙ୍କୁ ୧ନମ୍ବର, ଭଗବାନ ପାତ୍ରଙ୍କୁ ୨ ଏବଂ ମାଣିକ ପାଙ୍ଗିଙ୍କୁ ୧୦ ନମ୍ବର ଷ୍ଟଲ ୨ ସପ୍ତାହ ଭିତରେ ଦେବା ପାଇଁ ହାଇକୋର୍ଟ ଗତ ୫ ତାରିଖ ନିର୍ଦ୍ଦେଶ କରିଥିଲେ। ବ୍ୟବସାୟୀମାନେ ଚେକ୍ ଧରି କାର୍ଯ୍ୟାଳୟକୁ ଯାଉଥିଲେ ମଧ ପୌର ଅଧିକାରୀ ଓ କର୍ମଚାରୀ କହୁଛନ୍ତି, ହାଇକୋର୍ଟଙ୍କ ପକ୍ଷରୁ କାର୍ଯ୍ୟାଳୟକୁ କୌଣସି ନିର୍ଦ୍ଦେଶ ଆସିନାହିଁ। ନିର୍ଦ୍ଦେଶନାମା ଆସିବା ପରେ ଆଇନ ପରାମର୍ଶଦାତାଙ୍କ ସହ ଆଲୋଚନ କରାଯାଇ ପଦକ୍ଷେପ ନିଆଯିବ। ଶନିବାର ହାଇକୋର୍ଟ ଦେଇଥିବା ଅବଧି ଶେଷ ହୋଇଥିବା ବେଳେ ୩ ଆବେଦନକାରୀ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। କିନ୍ତୁ ପୌର ନିର୍ବାହୀ ଅଧିକାରୀ ସରକାରୀ କାମରେ କୋରାପୁଟ ଯାଇଥିବା ବେଳେ କାର୍ଯ୍ୟାଳୟ କର୍ମଚାରୀ ଏହାକୁ ଗ୍ରହଣ କରି ନଥିଲେ। ଅନ୍ୟପକ୍ଷରେ ଗତ ସେପ୍ଟେମ୍ବରରେ ବିନା କାଉନସିଲ ମଞ୍ଜୁରୀ ଓ ଟେଣ୍ଡରରେ ୪ ଜଣଙ୍କୁ ଷ୍ଟଲ ଦିଆଯାଇଥିବା ନେଇ ୨୪ ଜଣ କାଉନସିଲର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

# ବିଜେଡିରେ ଯୋଗଦେଲେ ଅନ୍ୟ ଦଳର ବହୁ ନେତା

କୋରାପୁଟ,୧୯।୧(ସ୍ୱ.ପ୍ର.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସରକାରଙ୍କ ଲୋକହିତକର ଯୋଜନାରେ ଆକୃଷ୍ଟ ହୋଇ ଶନିବାର କୋରାପୁଟ ଜିଲାର ବହୁ କଂଗ୍ରେସ ଓ ଭାଜପା ନେତା ବିଜେଡିରେ ସାମିଲ ହୋଇଛନ୍ତି। ଏନେଇ ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ ବିବୃତ୍ତିରେ ଗଣମାଧମକୁ ଏହା ଜଣାଇଛନ୍ତି। ଜିଲାର ବୋରିଗୁମ୍ମା ବ୍ଲକ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନିତା ପ୍ରଧାନ, କନାଗାଁ ପଞ୍ଚାୟତ ଭାଜପା ସଭାପତି କାଶିନାଥ ବିଶୋଇ, ଶଶାହାଣ୍ଡି ପଞ୍ଚାୟତ ଭାଜପା ପ୍ରଭାରୀ ରବିନ୍ଦ୍ର ପ୍ରଧାନ, ଭାଜପା ନେତା ଲକ୍ଷ୍ମୀ ନାରାୟଣ ବିଶୋଇ, କାହ୍ନୁ ଚୌଧୁରୀ, ରାମଚନ୍ଦ୍ର ନାୟକ, ଆଉଳି ପଞ୍ଚାୟତ ଭାଜପା ନେତା ସୁଦର୍ଶନ ଭତ୍ରା, ଟଙ୍କଧର ନାୟକ, ଡେଙ୍ଗପଦର ପଞ୍ଚାୟତର କଂଗ୍ରେସ ନେତା କାମରାଜ ମାଝି, ସନସାଇ ଭତ୍ରା, ଶଶାହାଣ୍ଡି ପଞ୍ଚାୟତ କଂଗ୍ରେସ ନେତା ତିରୁପତି ପୂଜାରୀ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ଦଳର ସାଧାରଣ ସଂପାଦକ ତଥା କୋରାପୁଟ ଜିଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ତେଜେଶ୍ୱର ପରିଡ଼ା, କୋଟପାଡ଼ ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ନାରାୟଣ ପାତ୍ର, ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଶିବ ପଟ୍ଟନାୟକ, ବୋରିଗୁମ୍ମା ବ୍ଲକ ବିଜେଡି ନେତା କେଶବ ପଣ୍ଡା, ନରେନ୍ଦ୍ର ବିଶୋଇ ଓ ଅଜୟ ବଳବନ୍ତରାୟ ଉପସ୍ଥିତ ଥିଲେ।



ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଭିନ୍ନ ଦଳର ନେତା ବିଜେଡିରେ ମିଶୁଛନ୍ତି।

# ଆଦର୍ଶ ବିଦ୍ୟାଳୟ ଛାତ୍ରୀନିବାସ ଉଦ୍‌ଘାଟିତ



ଛାତ୍ରୀନିବାସ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କୋରାପୁଟ,୧୯।୧(ସ୍ୱ.ପ୍ର.)

କୋରାପୁଟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନବନିର୍ମିତ ୧୦୦ଶଯ୍ୟାବିଶିଷ୍ଟ ଛାତ୍ରୀନିବାସ ଶନିବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ମାଛରା ଛକସ୍ଥିତ ବିଦ୍ୟାଳୟ ପରିସରରେ ୨ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ଛାତ୍ରୀନିବାସର ଉଦ୍‌ଘାଟନୀ ଉତ୍ସବରେ ଜିଲା ଯୋଜନା କମିଟି ଅଧକ୍ଷ ପ୍ରଫୁଲ୍ଲ ପାଙ୍ଗି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଏହାର ଶୁଭାରମ୍ଭ କରିଥିଲେ। ଦୂର ଦୂରାନ୍ତରୁ ଆସୁଥିବା ଛାତ୍ରୀଙ୍କ ରହିବା ସହ ପାଠପଢ଼ାରେ ଉନ୍ନତି ଆଣିବାରେ ଏହା ସହାୟକ ହେବ ବୋଲି ସେ କହିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ବନ୍ଦନା ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଈଶ୍ୱର ପାଣିଗ୍ରାହୀ, ଜିଲା ପରିଷଦ ଅଧକ୍ଷ ପ୍ରଭୁ ଜାନି, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ପଣ୍ଡା, ଉତ୍କଳ ରଞ୍ଜନ ନାୟକ, ବିଦ୍ୟାଳୟ ଅଭିଭାବକ କମିଟି ସଭାପତି ରମଣୀ ରଞ୍ଜନ ଶତପଥୀ ଉପସ୍ଥିତ ଥିଲେ।

## ବନ୍ଧୁଗାଁରେ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ

# ୧୭୮ ପ୍ରକଳ୍ପ ପାଇଁ ୩.୪୬ କୋଟି ମଞ୍ଜୁର

ବନ୍ଧୁଗାଁ,୧୯।୧(ଡି.ଏନ୍.ଏ.)



କାର୍ଯ୍ୟକ୍ରମରେ ଏମ୍‌ପି, ଜିଲାପାଳଙ୍କ ସହ ଅନ୍ୟ ନେତା ଓ ଅଧିକାରୀ।

ବନ୍ଧୁଗାଁ ବ୍ଲକ୍ ସଦରରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା, ଜିଲା ପରିଷଦ ସଭାପତି ପ୍ରଭୁ ଜାନି, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଲକ୍ଷ୍ମୀପୁର ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ବିଧାୟକଙ୍କ ପ୍ରତିନିଧି, ବିଜେଡିର ବାଲା ନାଗ, କଂଗ୍ରେସର ଡିଏ ରାଓ, ତହସିଲଦାର ଶୋଭାଭୂଷଣ ଶବର, ଗୋଷ୍ଠୀ ଚିକିତ୍ସାଧିକାରୀ ମାନସ ମଲ୍ଲିକ, ପ୍ରାଣୀ ଚିକିତ୍ସାଧିକାରୀ ସୌମ୍ୟରଞ୍ଜନ ମିଶ୍ର , ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଜେମା ଟୋପୋ, ସରକାରୀ କୃଷି ଅଧିକାରୀ ଜେଆର୍‌କେ ରାଜୁଙ୍କ ସମେତ ଅନ୍ୟାନ୍ୟ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ୧୭୮ଟି ପ୍ରକଳ୍ପ ପାଇଁ ୩ କୋଟି ୪୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସୂଚନା ଦିଆଯାଇଛି। ବ୍ଲକ୍‌ର ବିକାଶ ପାଇଁ ସମସ୍ତ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

# ଚାମ୍ବର ଅଫ କମର୍ସ ପକ୍ଷରୁ ସେମିଳିଗୁଡ଼ାରେ ଭବ୍ୟ ସମାରୋହ

ସୁନାବେଡ଼ା,୧୯।୧

ପୋଙ୍ଗଲ ଓ ମକର ସଂକ୍ରାନ୍ତି ଉପଲକ୍ଷେ ପ୍ରଥମଥର ପାଇଁ ସେମିଳିଗୁଡ଼ା ଚାମ୍ବର ଅଫ୍ କମର୍ସ (ସିଓସି)ଅଧକ୍ଷ ଏଲ୍ ପ୍ରଦୀପ ପାତ୍ରଙ୍କ ନେତୃତ୍ୱରେ ଏକ ଭବ୍ୟ ସମାରୋହ ପାଳିତ ହୋଇଛି। ପୌର ପରିଷଦ ଅଧକ୍ଷ ଶୁଭଶ୍ରୀ ମଲ୍ଲିକ, କୋରାପୁଟ ପୂର୍ବତନ ବିଧାୟକ ରଘୁରାମ ପୋଡ଼ାଲ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଈଶ୍ୱରଚନ୍ଦ୍ର ପାଣିଗ୍ରାହୀ, ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଉପସ୍ଥିତ ଥିଲେ। ବ୍ଲାକ୍ ହଣ୍ଟର ଡ୍ୟାନ୍ସ ଗ୍ରୁପ , ଜୟପୁର ମୀରା ଡ୍ୟାନ୍ସ ଗ୍ରୁପ, ସିନେ କମେଡି ତାରକା ପ୍ରଭାକର ମିଶ୍ର ଉଚ୍ଚକୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏପରି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ସେମିଳିଗୁଡ଼ା ସହରରେ ସାଂସ୍କୃତିକ ସଦ୍‌ଭାବନା ଏବଂ ଭାଇଚାରା ବୃଦ୍ଧି ପାଇବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏଠାରେ ପୁରସ୍କୃତ କରାଯାଇଛି। ଏଥିରେ ସିଓସି ସଭାପତି ଏଲ୍ ପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଈଶ୍ୱର ଆହ୍ଲାଦ ସିଓସି କାର୍ଯ୍ୟକାରୀ ସଭାପତି, ଗୁପ୍ତେଶ୍ୱର ରାଉତ ସାଧାରଣ ସମ୍ପାଦକ ଏବଂ ସଞ୍ଜୟ ଷଡ଼ଙ୍ଗୀ କୋଷାଧକ୍ଷ ସହଯୋଗ କରିଥିଲେ।




ପୋଙ୍ଗଲ ସମାରୋହରେ ମଞ୍ଚରେ ଉପସ୍ଥିତ ଅତିଥିମାନେ।

# ଚାରାଙ୍ଗୁଲରେ ମାଡୁନି ବିକାଶ ଚେର

ଦାମନଯୋଡ଼ି,୧୯।୧(ସ୍ୱ.ପ୍ର.)

■ଅର୍ଥାଭାବରୁ ଜମି ବନ୍ଧକ ଦେଇ କୁଲି କାମ କରୁଛନ୍ତି ଚାଷୀ
■ସେବାଶ୍ରମ ସ୍କୁଲରେ ପାଞ୍ଚ ଶ୍ରେଣୀକୁ ଦୁଇ ଶିକ୍ଷକ
■୨ଶହ ପରିବାରରୁ ୧୫ଜଣଙ୍କୁ ମିଳିଛି ଆବାସ



ଭଙ୍ଗାଘର ନିକଟରେ ଛିଡ଼ାହୋଇଛନ୍ତି ଗୃହକର୍ତ୍ତା।

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଚାରାଙ୍ଗୁଲ ପଞ୍ଚାୟତ ସଦରଗାଁ ଚାରାଙ୍ଗୁଲ ଗ୍ରାମରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ହରିଜନ ଓ ଆଦିବାସୀ ଶ୍ରେଣୀର ପରିବାର ବସବାସ କରନ୍ତି। କେତେକ ଲୋକଙ୍କ ଚାଷଜମି ଥିଲେ ହେଁ ଅର୍ଥାଭାବରୁ ଜମି ବନ୍ଧକ ଦେଇ କୁଲି ବୃତ୍ତି କରି ଜୀବିକା ନିର୍ବାହ କରନ୍ତି। ଶତକଡ଼ା ପ୍ରାୟ ୮୦ ଭାଗ ଲୋକଙ୍କ ପକ୍କା ଘର ନାହିଁ। ସରକାରଙ୍କ ବିଜୁ ପକ୍କାଘର ହେଉ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏମାନଙ୍କ ପାଇଁ ସାତ ସପନ। ଗ୍ରାମର ଧନ ଭୋଇ, ଗୋପୀ ଭୋଇ, ବଲ୍ଲଭ ଭୋଇ, ଧନଞ୍ଜୟ ଭୋଇଙ୍କ ପରି ଅଧିକାଂଶ ଲୋକଙ୍କ ବାସଗୃହ ଭାଙ୍ଗିଯାଇଛି। ପ୍ରାଥମିକ ଶିକ୍ଷା ପାଇଁ ଚାରାଙ୍ଗୁଲ ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୪୦ ଜଣ ଛାତ୍ରୀଛାତ୍ର ପଢୁଥିବାବେଳେ ୧୨୩ ଜଣ ପିଲା ହଷ୍ଟେଲରେ ରହି ପାଠପଢୁଛନ୍ତି। ଶିକ୍ଷାଦାନ ପାଇଁ ଦୁଇଜଣ ଶିକ୍ଷକଙ୍କ ମଧ୍ୟରୁ ପ୍ରଧାନଶିକ୍ଷକ ରୋଗରେ ପୀଡ଼ିତ ହୋଇଥିବାବେଳେ ଅନ୍ୟ ଶିକ୍ଷୟିତ୍ରୀ ପାଠପଢ଼ା ସହିତ ହଷ୍ଟେଲ ଦାୟିତ୍ୱ ସମ୍ଭାଳୁଛନ୍ତି। ଏଥିପାଇଁ ଶିକ୍ଷାଦାନ ଘୋର ବାଧାପ୍ରାପ୍ତ ହେଉଥିବା ବିଦ୍ୟାଳୟ ପରିଚାଳନା କମିଟି ପ୍ରକାଶ କରିଛି। ଅନ୍ୟପକ୍ଷରେ ବୋରିଂ ଗତ ଏପ୍ରିଲ ମାସରୁ ଅଚଳ ହୋଇପଡ଼ିଥିବାରୁ ହଷ୍ଟେଲ ଅନ୍ତେବାସୀ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ପାନୀୟଜଳ ସମସ୍ୟା ସମାଧାନ ଏବଂ ଶିକ୍ଷକ ନିଯୁକ୍ତି ପାଇଁ ସ୍ଥାନୀୟ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବା କମିଟି ସଭାପତି ପଦୁ ମୁଦୁଲି କହିଛନ୍ତି। ୧୨ଶହରୁ ଊର୍ଦ୍ଧ୍ୱ ଲୋକ କାଳିଆ ଯୋଜନାରେ ନାମ ପଞ୍ଜୀକରଣ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧୩୭ଜଣଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିବା ନୋଡ଼ାଲ ଅଧିକାରୀ ପ୍ରଶାନ୍ତ ସିଦ୍ଧା ସୂଚନା ଦେଇଛନ୍ତି। ଅନେକ ଲୋକ ଆବାସ ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିଥିଲେ ମଧ ମାତ୍ର ୧୦ରୁ ୧୫ ଜଣଙ୍କୁ ଗୃହ ଯୋଗାଇ ଦିଆଯାଇଛି। ହେଲେ ଡିଆର୍‌ଡିଏର ଅହେତୁକ ଅବହେଳା ଯୋଗୁ ଅଧିକାଂଶ ହିତାଧିକାରୀ ଗୃହ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ସ୍ଥାନୀୟ ସରପଞ୍ଚ ଶେଖର ଇଡିଂ କହିଛନ୍ତି। ସରକାରଙ୍କ ଶୁଭଦୃଷ୍ଟି ଆମ ପଞ୍ଚାୟତ ଉପରେ କେବେ ପଡ଼ିବ ବୋଲି ବାସିନ୍ଦା ପ୍ରଶ୍ନ କରିଛନ୍ତି।

## ସଂକ୍ଷେପରେ

### ନିଆଁରେ ପୋଡି ହୋଇ ନାବାଳିକା ମୃତ

**ଗୁଣପୁର,୧୯।୧(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବ୍ଲକ ଘନାନ୍ତ୍ରି ପଞ୍ଚାୟତ ବଡଆମ୍ବାବାଡି ଗ୍ରାମରେ ନିଆଁରେ ପୋଡି ହୋଇ ଜନୈକା ନାବାଳିକା ନାବାଳିକାଙ୍କ ମୃତ୍ୟୁ ହୋଇଛି । ସେ ହେଲେ ସନ୍ତୋଷୀ ଶବର(୧୩) । ଘରେ କେହି ନ ଥିବା ସମୟରେ ସେ ନିଆଁରେ ପୋଡି ହୋଇଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଶୋଚନୀୟ ଥିବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । କେଉଁ ପରିସ୍ଥିତିରେ ସେ ନିଆଁରେ ପୋଡି ହୋଇଗଲେ ତାହା ଜଣାପଡିନାହିଁ । ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ରଞ୍ଜନ ପାଣିଗ୍ରାହୀ ନାମକ ଜଣେ ସରକାରୀ କର୍ମଚାରି ଚିକିତ୍ସା ପାଇଁ ତାଙ୍କୁ ୮୦୦ ଟଙ୍କା ସହାୟତା ପ୍ରଦାନ କରିଥିଲେ ।

### ଜାତୀୟ ଭୋଟର ଦିବସ ୨୫ରେ

**ଗୁଣପୁର,୧୯।୧(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁରଠାରେ ଆସନ୍ତା ୨୫ ତାରିଖରେ ଉପଖଣ୍ଡସ୍ତରୀୟ ଜାତୀୟ ଭୋଟର ଦିବସ ପାଳନ କରାଯିବ । ଏଥିଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହାକୁ ସଫଳ କରିବାକୁ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଆହ୍ୱାନ ପ୍ରଦାନ କରିଛନ୍ତି । ୨୫ ତାରିଖରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ବିଜୁ କଲ୍ୟାଣମଣ୍ଡପଠାରେ ପହଞ୍ଚିବ । ଏଥିଲାଗି ଗୁଣପୁର ଏବଂ ବିଷମକଟକ ନିର୍ବାଚନ ମଣ୍ଡଳୀର ସମସ୍ତ ୫୭୩ ବୁଥରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ । ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବର୍ତ୍ତମାନ ୧୨ଟି ଭୋଟ ଗ୍ରହଣ କେନ୍ଦ୍ର ବୃଦ୍ଧି ପାଇ ୨୮୪ ହୋଇଛି । ସେହିପରି ବିଷମକଟକ ନିର୍ବାଚନମଣ୍ଡଳୀରେ ମଧ୍ୟ ୧୨ ବୁଥ କେନ୍ଦ୍ର ବୃଦ୍ଧି ପାଇ ୨୮୯ ହୋଇଛି ବୋଲି ଉପଜିଲାପାଳ ଡ.ବଳିରାମ ସୂଚନା ଦେଇଥିଲେ । ଆସିଷ୍ଟାଣ୍ଟ କଲେକ୍ଟର ରିନା ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ରଶ୍ମିରାଣୀ ନିମାକା ଏବଂ ସୂର୍ଯ୍ୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ସିଏସଆରକୁ ନେଇ ସମ୍ମିଳନୀ

**ଜେକେପୁର,୧୯।୧(ଡ଼ି.ଏନ.ଏ):** ରାୟଗଡା ଜିଲାର ଜେକେ କାଗଜ କଳରେ ଦୁଇ ଦିନ ଧରି ଜେକେ ପେପର ଲିମିଟେଡ ଦ୍ୱାରା ତୃତୀୟ ସାମାଜିକ ଦାୟିତ୍ୱବୋଧ(ସିଏସଆର)କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଜେକେ ଗ୍ରୁପର ମହାନିର୍ଦ୍ଦେଶକ ଓ ଉପସଭାପତି ହର୍ଷପତଜୀ ସିଂହାଣିଆ ଉଦ୍‌ଘାଟନ କରି ସମସ୍ତ ଗ୍ରୁପର କମ୍ପାନୀଙ୍କୁ ଯେପରି କର୍ପୋରେଟ୍ ସାମାଜିକ ଦାୟିତ୍ୱ ବୋଧ ଦ୍ୱାରା ଅଧିକରୁ ଅଧିକ ଲୋକ ଉପକୃତ ହୋଇ ପାରିବେ ସେ ନେଇ ପରାମର୍ଶ ଦେଇଥିଲେ । ଏହି ସମ୍ମିଳନୀରେ ଜେକେ ଗ୍ରୁପ(ପୂର୍ବାଞ୍ଚଳ)ର ୧୫ଟି କମ୍ପାନୀର ୪୫ଜଣ ସଦସ୍ୟ ଯୋଗ ଦେଇଥିଲେ । ଏହି ସମ୍ମିଳନୀର ମୁଖ୍ୟ ବିଷୟ ବସ୍ତୁ ଥିଲା 'ଲୋକାଭିମୁଖୀ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମର ପ୍ରଭାବ' । ସେହିପରି ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀ ସିମେଣ୍ଟର ନିର୍ଦ୍ଦେଶକ ଏସ.କେ.ୱାଲି, ଜେକେ ପେପର ଲିମିଟେଡର ସଭାପତି ଓ ନିର୍ଦ୍ଦେଶକ ଏ.ଏସ.ମେହଟ୍ଟା, ଜେକେ କାଗଜ କଳ(ଜେକେପୁର)ର କାର୍ଯ୍ୟ ନିର୍ବାହୀ ଉପସଭାପତି ପବନ କୁମାର ସୂରୀ, ଉପଦେଷ୍ଟା (ସିଏସଆର)ର କପିଲ କୌର ଯୋଗ ଦେଇଥିଲେ । ପ୍ରଥମ ଦିନରେ ନାବାର୍ଡର ଡିଜିଏମ ପି.କେ.ନାୟକ ଓ ଦ୍ୱିତୀୟ ଦିନରେ ଆଇଟିଆଇନିର୍ଦ୍ଦେଶକ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ ।

### ଭାଜପାର ଜବାବ ମାଗୁଛି ଓଡିଶା କାର୍ଯ୍ୟକ୍ରମ

**ଗୁଣପୁର,୧୯।୧(ଡି.ଏନ.ଏ):** ଗୁଣପୁରଠାରେ ଭାଜପା ପକ୍ଷରୁ ଜବାବ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାହାରିଥିବା ରଥକୁ ଶିରିଝୋଲି, ପୋଗଡବିଲି, ଜଗନ୍ନାଥପୁର ଗ୍ରାମରେ ପରିକ୍ରମା କରିଥିଲା । ବିଜେଡି ସରକାରଙ୍କ ୧୯ ବର୍ଷର ଦୁର୍ନୀତି, ମିଛ ପ୍ରଚାର ଉପରେ ଭିଡିଓ ଚିତ୍ର ମାଧ୍ୟମରେ ଲୋକଙ୍କୁ ପ୍ରଚାର କରାଯିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନା ଉପରେ କୁହାଯାଇଥିଲା । ସୁମନ ସାହୁକାର, ରବି ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

■ ହଷ୍ଟେଲରେ ଛାତ୍ରୀ ଜ୍ୱରରେ ପୀଡ଼ିତ

# ବସ୍‌ରେ ଗାଁକୁ ପଠାଇଦେଲେ ପରିଚାଳିକା

■ ଘରକୁ ଯିବାବେଳେ ହେଲେ ବାଟବଣା

■ ଟ୍ରାଫିକ ପୋଲିସ ସହାୟତାରେ ପହଞ୍ଚିଲେ ଘରେ

**ରାୟଗଡା ଅଫିସ୍, ୧୯।୧**

ଜ୍ୱର ଭଲ ନ ହେବାରୁ ଦୁଇ ଜଣ ଛାତ୍ରୀଙ୍କୁ ହଷ୍ଟେଲ ପରିଚାଳିକା ଏକୁଟିଆ ବସରେ ବସାଇ ଗାଁକୁ ପଠାଇ ଦେଇଛନ୍ତି । ଉକ୍ତ ଦୁଇ ଛାତ୍ରୀ ରାୟଗଡା ସହରରେ ବାଟବଣା ହୋଇଯାଇଥିଲେ । ଶେଷରେ ଟ୍ରାଫିକ୍ ପୋଲିସ ସହାୟତାରେ ସେମାନେ ବସ୍‌ଷ୍ଟାଣ୍ଡକୁ ଯାଇ ବସ୍ ଯୋଗେ ନିଜ ଗାଁକୁ ଯାଇଥିବା ଜଣାଯାଇଛି । ଏପରି ଏକ ଘଟଣା ଘଟିଛି କଲ୍ୟାଣସିଂହପୁର ବ୍ଲକରେ ।

କଲ୍ୟାଣସିଂହପୁର ବ୍ଲକ୍ ମାଝିଗୁଡାସ୍ଥିତ ଏକ ଘରୋଇ ହଷ୍ଟେଲରେ ରହି ମିନତି କଣ୍ଡାଗରୀ (୫ମ)ଏବଂ ବିଦୁ ପୁଆଲା (୩ୟ) ରହୁଥିଲେ । ସେମାନେ ମାଝିଗୁଡାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି । ୩ ଦିନ ହେଲା ବିଦୁଙ୍କ ମୁହଁରେ ଗାଲୁଆ ହେବା ସହ ଜ୍ୱର ହୋଇଥିଲା । ଜ୍ୱର ଓ ଗାଲୁଆ ଭଲ ନ ହେବାରୁ ଉଭୟଙ୍କୁ ଶନିବାର ସକାଳେ ହଷ୍ଟେଲ ପରିଚାଳିକା ଏକ ବସ୍‌ରେ ବସାଇ ରାୟଗଡା ପଠାଇ ଦେଇଥିଲେ । ରାୟଗଡାଠାରେ ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଓହ୍ଲାଇବା ପରେ ନିଜ ଗାଁ ସିକବାଡି ଯିବା ନିମନ୍ତେ ଏଣେତେଣେ ଘୂରି ବୁଲିଥିଲେ । ବସ୍‌ଷ୍ଟାଣ୍ଡ ନିକଟ ଟ୍ରାଫିକ୍ ପୋଷ୍ଟ ନିକଟରେ ଦୀର୍ଘ ସମୟ ଧରି ଠିଆହୋଇ ରହିଥିଲେ । ସେତେବେଳେ ଦାୟିତ୍ୱରେ ଥିବା ଟ୍ରାଫିକ୍ ପୋଲିସ ପଚରାଉଚୁରା କରିବା ପରେ ଏକ ଅଟୋରିକ୍ସାରେ ବସ୍‌ଷ୍ଟାଣ୍ଡକୁ ପଠାଇଥିଲେ । ସେଠାରୁ ନିଜ ଗାଁକୁ ବସ୍‌ରେ ଯାଇଥିଲେ । ୨ ଛାତ୍ରୀଙ୍କ ମଧ୍ୟରୁ ମିନତିଙ୍କ ବାପା ହରି କଣ୍ଡାଗରୀ ଦାଦନ ଖଟିବାକୁ ଯାଇଥିବା ବେଳେ ବିଦୁଙ୍କ ବାପା ଜଣେ ଦିନ ମଜୁରିଆ । ହଷ୍ଟେଲ କର୍ତ୍ତୃପକ୍ଷ କିପରି ଉକ୍ତ ଦୁଇ ଛାତ୍ରୀଙ୍କ ପରିବାର ଲୋକଙ୍କୁ ନ ଜଣାଇ ଏକା ଛାଡ଼ିଦେଲେ ତାହା ତଦନ୍ତସାପେକ୍ଷ । ଏନେଇ ହଷ୍ଟେଲ ପରିଚାଳିକାଙ୍କ ସହ ଯୋଗାଯୋଗ ହୋଇପାରିନାହିଁ । ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ନାୟକଙ୍କୁ ପଚାରିବାରୁ, ଘଟଣାଟି ଆମ ନଜରରେ ନାହିଁ । ତେବେ ୨ଛାତ୍ରୀ କେଉଁ ପରିସ୍ଥିତିରେ ହଷ୍ଟେଲରୁ ବାହାରିଲେ ଓ ଘରେ ପହଞ୍ଚିଲେ ନା ନାହିଁ ତାହା ତଦନ୍ତ କରାଯିବ ବୋଲି କହିଥିଲେ ।



■ ମନ୍ଦିରରୁ ଚୋରି ଉଦ୍ୟମ

# ଚୋରକୁ ଛେଚିଲେ ଲୋକେ

**ରାୟଗଡା ଅଫିସ୍, ୧୯।୧**

ରାୟଗଡା ସହରରେ ବର୍ତ୍ତମାନ ଚୋରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ବର୍ତ୍ତମାନ ଚୋରଙ୍କ ନଜର ପଡିଛି ବିଭିନ୍ନ ମନ୍ଦିରଗୁଡିକ ଉପରେ । ଶୁକ୍ରବାର ଚାନ୍ଦିଲି ଥାନା ଅନ୍ତର୍ଗତ ଖେଦାପଡାସ୍ଥିତ ମାଣିକେଶ୍ୱରୀ ମନ୍ଦିରରୁ ମା'ଙ୍କ ଅଷ୍ଟଧାତୁର ମୂର୍ତ୍ତିକୁ ଚୋରମାନେ ଚୋରିକରି ନେଇଥିବା ବେଳେ ଶନିବାର ରାୟଗଡାସ୍ଥିତ ଶ୍ରଦ୍ଧା ଶ୍ରୀକ୍ଷେତ୍ରରୁ ଚୋରି ଉଦ୍ୟମ ହୋଇଛି । ଲୋକେ ଚୋରକୁ ଧରି ନିର୍ଘୃମ ଛେଚିଛନ୍ତି । ପରେ ସେ ଚୋରି କରି ନେଉଥିବା ମା'ଙ୍କ ମୁକୁଟକୁ ଉଦ୍ଧାର କରିଥିଲେ । ଆନ୍ଧ୍ରପ୍ରଦେଶ ରାଜ୍ୟ ଏଲୁରୁ ଜିଲା ଅନ୍ତର୍ଗତ ଚିନାରିପେଟାର ଭୋଲି ଅର୍ଜୁନ ଶନିବାର ଭୋର ସାଢେ ୫ଟାରେ ଶ୍ରଦ୍ଧା ଶ୍ରୀକ୍ଷେତ୍ରସ୍ଥିତ ଜଗନ୍ନାଥ ମନ୍ଦିରକୁ ପ୍ରବେଶ କରିଥିଲେ । ଶୀତ ଦିନ ଯୋଗୁ ଶ୍ରଦ୍ଧାଳୁଙ୍କ ଭିଡ ନ ଥିବା ଦେଖି ଚାରିଆଡେ ବୁଲିବା ପରେ ପହଞ୍ଚିଥିଲେ ମା' ବିମଳାଙ୍କ ମନ୍ଦିରରେ । ସେଠାରେ ପୂଜକ ମଙ୍ଗଳ ଆଳତି ପରେ ବାହାରକୁ ଯାଇଥିବା ବେଳେ ଅର୍ଜୁନ ମା' ବିମଳାଙ୍କ ମୁକୁଟକୁ ଚୋରି କରି ନେଇଥିଲେ । ଏହି ସମୟରେ ଜଣେ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇଁ ଆସିବା ବେଳେ ମୁକୁଟ ନ ଥିବା ଦେଖି ଚିତ୍କାର କରିଥିଲେ । ଏହାପରେ ଅନ୍ୟ ଶ୍ରଦ୍ଧାଳୁ ଓ ନିକଟରେ ଥିବା ନଦୀବନ୍ଧ ସାହିର କିଛି ଯୁବକ ମିଳିତ ଭାବେ ଖୋଜାଖୋଜି କରିଥିଲେ । ସେହି ସମୟରେ ମନ୍ଦିର ନିକଟରେ ବାହାନା କରି ଶୋଇ ଲୁଚି ରହିଥିବା ଅର୍ଜୁନଙ୍କୁ ଧରିଥିଲେ । ତାଙ୍କ ନିକଟରେ ଥିବା ବ୍ୟାଗରେ ମୁକୁଟ ଥିବା ଦେଖି ନିର୍ଘୃମ ଛେଚିଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅର୍ଜୁନଙ୍କୁ ଗିରଫ କରିଥିଲା । ତାଙ୍କ ନାମରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା କହିଛନ୍ତି ।



ଭୋଲି ଅର୍ଜୁନ ।

■ ଭାଲୁଗୁଡା କ୍ଷୁଦ୍ର ଜଳସେଚନରେ ଅନିୟମିତତା

# ଜିଲାପାଳଙ୍କୁ ଦେଲେ ଅଭିଯୋଗପତ୍ର

**ଚନ୍ଦ୍ରପୁର, ୧୯।୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ପଞ୍ଚାୟତରେ ଭାଲୁଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି । ବର୍ଷ ବର୍ଷ ଧରି ନାମକୁ ମାତ୍ର ଏଠାରେ କୂପ, କେନାଲ ମରାମତି ଆଦି କାର୍ଯ୍ୟ କରାଯାଇ ଲକ୍ଷାଧିକ ଟଙ୍କା ବାଟମାରଣା କରାଯିବା ସହ ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି । ଏନେଇ ଶୁକ୍ରବାର ସ୍ଥାନୀୟ ସରପଞ୍ଚଙ୍କ ସମେତ ଚାଷୀମାନେ ଜିଲାପାଳ, ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଗ ଅଧିକାରୀଙ୍କୁ ଡ଼ାକଯୋଗେ ଏକ ଅଭିଯୋଗ ପତ୍ର ପଠାଇଛନ୍ତି । ବର୍ତ୍ତମାନ ପୁରୁଣା କେନାଲଗୁଡିକ ଭାଙ୍ଗି ନୂତନ କେନାଲ କାମ ଚାଲିଛି । ତାହା ଅତି ନିମ୍ନମାନର କାମ କରାଯାଉଛି । ନାମକୁ ମାତ୍ର ଚିପ୍‌ସ କଂକ୍ରିଟ କରାଯାଇ ଖାଲି ବାଲି ଦ୍ୱାରା ଅଳ୍ପ ସିମେଣ୍ଟ ମିଶ୍ରଣ କରାଯାଇ ଖଣ୍ଡେ ଲୁହାଛଡ ଦିଆଯାଇ କାମ କରାଯାଉଥିବା ସରପଞ୍ଚ ଧାନୁ ମାଝି କୁମୁରୁକା, ନୀଳାଞ୍ଚଳ ପାତ୍ର, ମନୋଜ କୁମାର ପାତ୍ର, ଆନନ୍ଦ ପାତ୍ର, ବିଜୟ କୁମାର ମାଳ ବିଶୋଇ, ନବୀନ ପିପ୍ପଲୀ, ରତି ରଞ୍ଜନ ପାତ୍ର, ଲକ୍ଷ୍ମୀକାନ୍ତ ବଦାକୁଲୁ, ଭୀମରାଜ ପାତ୍ର ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି । ଖୁବ୍‌ଶୀଘ୍ର ନିର୍ମାଣାଧୀନ କାମଗୁଡିକୁ ଭାଙ୍ଗି ପୁନର୍ବାର କରା ନ ଗଲେ ଚାଷୀ ଆନ୍ଦୋଳନ କରାଯିବ ବୋଲି ଅଗ୍ରଣୀ ଚାଷୀ ନବୀନ ପିପ୍ପଲୀ, ଦୟାନିଧି ପାତ୍ର, ବିଷ୍ଣୁପ୍ରସାଦ ପାତ୍ର, ପଙ୍କଜ ଦଣ୍ଡସେନା, ରମେଶ ଦିବ୍ୟ, କବିରାଜ ପାତ୍ର, ସୁବ୍ରତ କୁମାର ମଣ୍ଡଳ, ବିନାୟକ ପାତ୍ର, ଚନ୍ଦ୍ରଶେଖର ବୁଦାକୁଲୁ, ଦିବାକର ପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି । ନିର୍ମାଣ ସମୟରେ ଜଣେ ସୁପରଭାଇଜର ରହି କାମ କରାଯାଉଛି । କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହୁନାହାନ୍ତି । ଚାଷୀକୁଳ ପ୍ରତିବର୍ଷ ତହସିଲ କାର୍ଯ୍ୟାଳୟରେ ଜଳକର ପୈଠ କରୁଛନ୍ତି । ହେଲେ ଏତେବଡ ପ୍ରକଳ୍ପରୁ କେବେ ବି କୌଣସି ଚାଷୀଙ୍କ ଜମିକୁ ପାଣି ମାଡୁନାହିଁ । କିନ୍ତୁ ପ୍ରତ୍ୟେକ ବର୍ଷ ମରାମତି ଆଳରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଆତ୍ମସାତ କରାଯାଉଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି । ଏ ସମ୍ପର୍କରେ ରାୟଗଡ଼ା ଜିଲା କ୍ଷୁଦ୍ର ଜଳସେଚନର ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ, ଚାଷୀମାନଙ୍କଠାରୁ ଅଭିଯୋଗ ପାଇଛି । ମୁଁ ବର୍ତ୍ତମାନ କାମ ବନ୍ଦ କରିଦେବା ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ କହିଛି । ଖୁବ୍ ଶୀଘ୍ର କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କ ଉପସ୍ଥିତିରେ କାମ କରାଯିବ ବୋଲି ସେ କହିଛନ୍ତି ।

## ଶନିଶ୍ଚର ମନ୍ଦିରର ବାର୍ଷିକ ଉତ୍ସବ

**ମୁନିଗୁଡ଼ା,୧୯।୧(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ମୁନିଗୁଡ଼ା ମୁନିଖୋଲସ୍ଥିତ ଶନିଶ୍ଚର ମନ୍ଦିରର ୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟ ଓ ଦେବୀପ୍ରସାଦ କରଙ୍କ ମିଳିତ ପୌରୋହିତ୍ୟରେ ଅନୁଷ୍ଠିତ ପୂଜାରେ ଚିତ୍ତରଞ୍ଜନ ମିଶ୍ର ଓ ମନୀଷାରାଣୀ ମିଶ୍ର କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ । ଦିନ ତମାମ ମନ୍ଦିର ପରିସରରେ ପୂଜାର୍ଚ୍ଚନା, ହୋମଯଜ୍ଞ, ଶନିମନ୍ତ୍ର ଯାପନ, ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଖପାଖ ଅଞ୍ଚଳରୁ ଶତାଧିକ ଭକ୍ତଙ୍କ ଭିଡ଼ ଜମିଥିଲା । ସନ୍ଧ୍ୟାରେ ଆଳତି ସହ ପୂର୍ଣ୍ଣାହୁତି କରାଯାଇଥିଲା । ଏହି ପୂଜାରେ ପୁରୋହିତ ଉମାଶଙ୍କର ସାବତ, ସୁଶାନ୍ତ ପାଢୀ, ହରି ସାବତ, କାଳିଆ ସାବତ, ସନ୍ତୋଷ ସଙ୍କୁଆ ପ୍ରମୁଖ ସହଯୋଗ କରିଥିଲେ । କମିଟି ସଭାପତି ବିନୋଦ ଅଗ୍ରୱାଲ, କାଳିଆ ସାହୁ, ମନୋଜ ସାହୁ, ରମାକାନ୍ତ ମାଝୀ, ସନ୍ତୋଷ ପଣ୍ଡା, ମନୋଜ ପଣ୍ଡା, ସୁବାସ ଗୌଡ଼, ହିମାଂଶୁ ପଣ୍ଡା, ଶିବ ଡ଼ାକୁଆ ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ ।



# ରାୟଗଡାରେ ପରିବାର ଅଦାଲତ



ହାଇକୋର୍ଟ ବିଚାରପତି ଜଷ୍ଟିସ କେ.ଆର୍ ମହାପାତ୍ର ପରିବାର ଅଦାଲତକୁ ଉଦ୍‌ଘାଟନ କରୁଛନ୍ତି ।

**ରାୟଗଡା ଅଫିସ୍, ୧୯।୧**

ରାୟଗଡାଠାରେ ଶନିବାର ପରିବାର ଅଦାଲତ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ହାଇକୋର୍ଟ ବିଚାରପତି ଜଷ୍ଟିସ କେ.ଆର୍ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ମେଡିକାଲ ପଛପଟେ ଏହି ଅଦାଲତ ନିର୍ମାଣ ହୋଇଛି । ଏହାଦ୍ୱାରା ପାରିବାରିକ ଗଣ୍ଡଗୋଳର କାଉନ୍‌ସେଲିଂ, ବିଚାରଣା ଓ ସମାଧାନ ହୋଇପାରିବ । ପରିବାର ଅଦାଲତର ପ୍ରଥମ ବିଚାରପତି ଭାବେ ସୌଭାଗିନୀ ମଲ୍ଲିକ ଯୋଗ ଦେଇଛନ୍ତି । ଉଦ୍‌ଘାଟନ ପରେ ବିଚାରପତି ମହାପାତ୍ର ରାୟଗଡା ଜିଲା ଓ ଦୌରାଜଜ୍ ଅଦାଲତକୁ ପରିଦର୍ଶନରେ ଯାଇଥିଲେ । ସେଠାରେ ଆଇନ୍‌ଜୀବୀଙ୍କ ପକ୍ଷରୁ ବିଚାରପତି ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଜିଲା ଓ ଦୌରାଜଜ୍ ସୋମ ଶେଖର ଜେନା, ଜିଲାପାଳ ଗୁହା ପୁନମ ତାପସ କୁମାର, ଉପଜିଲାପାଳ ପ୍ରବୀର କୁମାର ନାୟକ, ଜିଲା ଆଇନ୍‌ସେବା ପ୍ରାଧିକରଣର ସମ୍ପାଦକ ହୃଷୀକେଶ ସାହୁ, ଓକିଲ ସଂଘ ସଭାପତି ବିଷ୍ଣୁପ୍ରସାଦ ପଣ୍ଡା, ସାଧାରଣ ସମ୍ପାଦକ ନବ କୁମାର କାଣ୍ଡା, ବରିଷ୍ଠ ଓକିଲ ନୃସିଂହନାଥ ପଣ୍ଡା, ସରକାରୀ ଓକିଲ ବ୍ରଜସୁନ୍ଦର ନାୟକ, ବିନାୟକ କର, ରବି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱୟଂଶାସିତ ମହାବିଦ୍ୟାଳୟ ବାର୍ଷିକ କ୍ରୀଡା ଉଦ୍‌ଯାପିତ

**ରାୟଗଡା ଅଫିସ୍, ୧୯।୧**

ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲାପାଳ ଏବଂ ପରିଚାଳନା କମିଟି ସଭାପତି ସୁଧାକର ଶବର, ପରିଚାଳନା କମିଟି ସଭ୍ୟ ଡା. ନିରଞ୍ଜନ ପ୍ରସାଦ ବକ୍ସିପାତ୍ର, ମହାବିଦ୍ୟାଳୟ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀ ଏବଂ ପୂର୍ବତନ ଅଧ୍ୟକ୍ଷ ଡା. କୁମୁଦ ଚନ୍ଦ୍ର ମିଶ୍ର, ଉପଦେଷ୍ଟା କାର୍ତ୍ତିକ ଚନ୍ଦ୍ର ମିଶ୍ର ମଞ୍ଚାସୀନ ଥିଲେ । କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିବା ସହ ଭଲ ପାଠପଢ଼ି ରାଜ୍ୟର ନାମ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ପତାକା ଅବତରଣ କରିଥିବା ବେଳେ ଡା. ନିରଞ୍ଜନ ପ୍ରସାଦ ବକ୍ସିପାତ୍ର ଅଗ୍ନି ନିର୍ବାପକ କରିଥିଲେ । ଉତ୍ତମ ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ବିଡିକା ଜଜ୍ ରୂପେ ଯୋଗ ଦେଇଥିଲେ । ବିଭିନ୍ନ ଖେଳରେ ଚାମ୍ପିୟନ ହୋଇଥିବା ଯୁକ୍ତଦୁଇ ବାଳିକାବର୍ଗରେ ସୁଚିତା ବେହେରା, ବାଳକ ବିଭାଗରେ ମନୋଜ କାଡ୍ରାକା, ଯୁକ୍ତତିନି ବାଳିକା ବିଭାଗରେ ଦୀପିକା ନାଲା, ବାଳକ ବିଭାଗରେ ମାଣ୍ଡାଙ୍ଗୀ ଯୋନେନ୍ଦ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବକୁ ଡା. ପ୍ରଦୀପ ସାମନ୍ତରାୟ ପରିଚାଳନା କରିଥିବା ବେଳେ ଅଶୋକ ସାହୁ ଧନ୍ୟବାଦ ଦେଇଥିଲେ ।

# ଦିଦି ଯାଇଛନ୍ତି ପରିବା କିଣି, ପିଲାଙ୍କୁ ଜଗିଛନ୍ତି ଦିଦିଙ୍କ ସ୍ୱାମୀ

**ଟିକିରି, ୧୯।୧ (ଡି.ଏନ୍.ଏ.)**

ସ୍କୁଲ ସମୟରେ ଜଣେ ଶିକ୍ଷୟିତ୍ରୀ ପରିବା କିଣିବାକୁ ଯାଇଥିବା ବେଳେ ତାଙ୍କ ସ୍ୱାମୀ ପିଲାଙ୍କୁ ଜଗିଥିଲେ । ଶନିବାର ଏପରି ଏକ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲା କାଶିପୁର ବ୍ଲକ ଶଙ୍କରଡା ପଞ୍ଚାୟତର ବାହାର କୁଝମି ପ୍ରାଥମିକ ବିଦ୍ୟାଳୟରେ । ପଞ୍ଚାୟତ ସଦରଠାରୁ ମାତ୍ର ଦୁଇ କି.ମି. ଦୂରରେ ଥିବା ଏହି ବିଦ୍ୟାଳୟରେ ଶନିବାର ପାଠପଢ଼ା ସମୟରେ ସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକ ଅନୁପସ୍ଥିତ ଥିଲେ । ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ମିନିଟ୍ ସମୟରେ ସ୍କୁଲ ବାରଣ୍ଡାରେ ଜଣେ ବ୍ୟକ୍ତି ଚୌକିରେ ବସି ଢୁଳାଉଥିଲେ । କିଛି ଛାତ୍ର ବାହାରେ ବସିଥିଲେ । ଆଉ କେତେ ଜଣ ଛାତ୍ରୀଛାତ୍ର ଭିତରେ ଖେଳୁଥିବା ଆମ ଖବରଦାତା ଦେଖିବାକୁ ପାଇଥିଲେ । ବାରଣ୍ଡାରେ ବସିଥିବା ବ୍ୟକ୍ତିଙ୍କୁ ଶିକ୍ଷକଙ୍କ ସମ୍ପର୍କରେ ପଚାରିବାରୁ, ଜଣେ ମାତ୍ର ଦିଦି ସ୍କୁଲକୁ ଆସିଛନ୍ତି । ମୁଁ ତାଙ୍କ ସ୍ୱାମୀ । ସେ ନିକଟକୁ ପରିବା କିଣିବା ପାଇଁ ଯାଇଛନ୍ତି । ମୁଁ ଏଠାରେ ପିଲାଙ୍କୁ ଜଗିଥିବା କହିଥିଲେ । ତେବେ ପାଠପଢ଼ା ସମୟରେ ଦିଦି କିପରି ପରିବା କିଣିବା ପାଇଁ ଗଲେ ସେନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି । ଦିଦି ସବୁବେଳେ ଆସୁଛନ୍ତି, ହେଲେ ଆଉ ଜଣେ ସାର ନିୟମିତ ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ନେଇ ବିଇଓ ଜଗଦୀଶ ଚନ୍ଦ୍ର ସିଂଙ୍କୁ ପଚାରିବାରୁ, ଏ ବିଷୟରେ ମୁଁ ଜାଣିବାକୁ ପାଇଲି । ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।



ସ୍କୁଲ ବାହାରେ ଦିଦିଙ୍କ ସ୍ୱାମୀ ।

# ନିରାଶ ହୋଇ ଫେରିଲେ ଦିବ୍ୟାଙ୍ଗ

## ହୋଇ ପାରିଲାନି ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଚନ୍ଦ୍ରପୁର,୧୯।୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ସଦର ମହକୁମାରେ ଶନିବାର ହେବାକୁ ଥିବା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ହୋଇପାରି ନାହିଁ । ଫଳରେ ଦୂର ଦୂରାନ୍ତରୁ ଆସିଥିବା ଶହେରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ନିରାଶ ହୋଇ ଫେରିଛନ୍ତି । ଦିବ୍ୟାଙ୍ଗମାନେ ଅନଲାଇନରେ ପଞ୍ଜୀକରଣ କରି ନ ଥିବାରୁ ଡ଼ାକ୍ତରମାନେ ସେମାନଙ୍କ ପରୀକ୍ଷା କରିବାକୁ ମନା କରିବାରୁ ଦିବ୍ୟାଙ୍ଗମାନେ ଫେରିଥିବା ଜଣାଯାଇଛି ।

ଚନ୍ଦ୍ରପୁର ବ୍ଲକର ସଦର ମହକୁମାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଶନିବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ନେଇ ସମସ୍ତ ପ୍ରସ୍ତୁତି କରାଯାଇଥିଲା । ଏଥିସହ ସ୍ୱତନ୍ତ୍ର ସହାୟତା ଉପକରଣ, ଦିବ୍ୟାଙ୍ଗ ଭତ୍ତା, ପ୍ରମାଣ ପତ୍ର, ବାଣିଶ୍ରୀ ଓ ଉଚ୍ଚଶିକ୍ଷା ଦିବ୍ୟାଙ୍ଗ ଛାତ୍ର, ପଞ୍ଜୀକରଣ କମ୍ପ୍ୟୁଟର କକ୍ଷ ଇତ୍ୟାଦି ସ୍ୱତନ୍ତ୍ର ଷ୍ଟଲ ନିର୍ମାଣ କରାଯାଇଥିଲା । ଶିବିରରେ ରାୟଗଡା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଡିଏମ୍‌ଏସ୍‌ଓ ଆଦିପତି କଅଁର, ଚକ୍ଷୁ ଡାକ୍ତର ଏମ୍. ସୁରେଶ କୁମାର, ଡାକ୍ତର ସୁପ୍ରଭା ପଣ୍ଡା, ସୌଦାମିନୀ ମହାପାତ୍ର, ସି.ଭି.ଏନ୍. ମୂର୍ତ୍ତି ପ୍ରମୁଖ ଠିକ୍ ସମୟରେ ପହଞ୍ଚି ଥିଲେ । ସମଗ୍ର ୮ ପଞ୍ଚାୟତରୁ ୧୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ମଧ୍ୟ ପହଞ୍ଚିଥିଲେ । ବହୁ କଷ୍ଟରେ ଦିବ୍ୟାଙ୍ଗମାନେ ଆସି ପୂର୍ବାହ୍ନ ୧୦ଟାରୁ ୨ଟା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ । ହେଲେ ଦିବ୍ୟାଙ୍ଗମାନେ ଅନ୍ ଲାଇନ ପଞ୍ଜୀକରଣ କରି ନ ଥିବାରୁ ସେମାନଙ୍କୁ ପରୀକ୍ଷା କରିବା ପାଇଁ ଡ଼ାକ୍ତରମାନେ ସିଧାସଳଖ ମନା କରି ଦେଇଥିଲେ । ଏନେଇ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ପରିସ୍ଥିତି ଜଟିଳ ହେବାରୁ ଚନ୍ଦ୍ରପୁର ବିଡିଓ ଜର୍ଜ ଡୁଙ୍ଗ ଡୁଙ୍ଗ ଆସି ହିତାଧିକାରୀମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । କିଛି ହିତାଧିକାରୀଙ୍କଠାରୁ ଫର୍ମ ପୂରଣ କରାଯାଇ ଖୁବ୍‌ଶୀଘ୍ର ଅନ୍ ଲାଇନ ପଞ୍ଜୀକରଣ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ବିଡିଓ କହିଥିଲେ । ଶେଷରେ ବହୁ ଦିବ୍ୟାଙ୍ଗ ନିରାଶ ହୋଇ ଘରକୁ ଫେରିଥିଲେ । ଏ ସମ୍ପର୍କରେ ରାୟଗଡା ଡିଏସ୍‌ଏସ୍‌ଓ ଆଦିପତି କଅଁରଙ୍କୁ ପଚାରିବାରୁ, ଆମେ ସେପ୍ଟେମ୍ବରରୁ ଅନଲାଇନ ପଞ୍ଜୀକରଣ ପାଇଁ କହିଥିଲୁ । ବ୍ଲକ କର୍ମଚାରୀମାନଙ୍କ ଅବହେଳା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି । ଏଥିପ୍ରତି ଜିଲାପାଳ ଦୃଷ୍ଟିଦେଇ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।



ଅପେକ୍ଷା କରି ରହିଥିବା ଦିବ୍ୟାଙ୍ଗମାନେ ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ଜାନୁୟାରୀ ୨୦/୨୦୧୯ Rayagada, Sunday, January 20 / 2019


**ସଂକ୍ଷେପରେ**

## ଆଇନ ସଚେତନତା ଶିବିର



**ନବରଙ୍ଗପୁର,୧୯।୧(ବି.ପ୍ର):** ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଜଜ୍ ରାଜେନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇ କହିଥିଲେ ଯେ ପୋଲିସ, ଆଇନଜୀବୀ ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ଏହି ସାମ୍ବିଧାନିକ ଅଧିକାର ଲୋକଙ୍କ ନିକଟରେ କିପରି ପହଞ୍ଚିବ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ଲୋକେ ତାଙ୍କ ସାମ୍ବିଧାନିକ ଅଧିକାର କିପରି ପାଇବେ ଓ ତାଙ୍କ ଅଧିକାର କ୍ଷୁର୍ଣ୍ଣ ହେବ ନାହିଁ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ପରିବାର ବିଚାର ବିଭାଗୀୟ ଦଣ୍ଡାଧିକାରୀ ବିକ୍ରମ ପ୍ରଧାନ, ବରିଷ୍ଠ ଦେୱାନୀ ଜଜ ଚୌଧୁରୀ ପ୍ରବୀର କୁମାର, ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅମରେଶ ମହାପାତ୍ର, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଗୁରୁଚରଣ ଜେନାମଣି, ୨ୟ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୌମ୍ୟରଞ୍ଜନ ନାୟକ ଓ ପ୍ରୋବେସନ ଅଫିସର ବନଜା ମହାନ୍ତି ଯୋଗ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରସନ୍ନ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ସାମାଜିକ କର୍ମୀଙ୍କ ବିୟୋଗରେ ଶୋକସଭା

**ନବରଙ୍ଗପୁର,୧୯।୧(ବି.ପ୍ର.):** ସ୍ଥାନୀୟ ଦଳେଇ ସାହି ସ୍ଥିତ ବରିଷ୍ଠ ଖବରଦାତା ତଥା ସାମାଜିକ କର୍ମୀ ପୂର୍ଣ୍ଣ ଚନ୍ଦ୍ର ମହାକୁଡ(୭୩)ଙ୍କ ଶୁକ୍ରବାର ରାତିରେ ବିୟୋଗ ଘଟିଛି। ଏନେଇ ସ୍ଥାନୀୟ ଲକ୍ଷ୍ମୀଚନ୍ଦ୍ର ଦାଶ ପ୍ରେସ କ୍ଲବ ଠାରେ ଜିଲାସ୍ତରୀୟ ଖବରଦାତା ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ସମେତ ଖବରଦାତାମାନେ ଯୋଗ ଦେଇ ତାଙ୍କ ସେବା ମନୋଭାବକୁ ମନେ ପକାଇଥିଲେ। ପୂର୍ଣ୍ଣଚନ୍ଦ୍ର ଶିକ୍ଷକତାରୁ ଅବସର ନେବା ପରେ ଖବରଦାତା ଭାବେ ନିଜର ପରିଚୟ ସୃଷ୍ଟି କରି ସମାଜ ସେବାରେ ନିୟୋଜିତ ରହିଥିଲେ। ତାଙ୍କ ଶିକ୍ଷକତା ଜୀବନରେ ଶିକ୍ଷକଙ୍କ ନ୍ୟାର୍ଯ୍ୟଦାବୀ ନେଇ ରାଜ୍ୟ ସଂଘର ସଭାପତି ଭାବେ ଅନେକ ଥର ଦାୟିତ୍ୱ ତୁଲାଇଛନ୍ତି। ଜଣେ ଆଦର୍ଶ ଶିକ୍ଷକ ଭାବେ ରାଜ୍ୟପାଳଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ନବରଙ୍ଗପୁର ଜିଲାରେ ଡାକ୍ତରଙ୍କ ନିଯୁକ୍ତି ପାଇଁ ଆମରଣ ଅନଶନ କରିବାରୁ ସରକାର ଦାବିକୁ ମାନି ସେହି ସମୟରେ ୩ ଜଣ ବିଶେଷଜ୍ଞ ସମେତ ୧୩ ଜଣ ଡାକ୍ତର ନିଯୁକ୍ତି ଦେଇଥିଲେ। ନବରଙ୍ଗପୁର ଲ୍ୟାମ୍ପ୍ସ ନିର୍ଦ୍ଦେଶକ ଭାବେ ମଧ ସେ ଦାୟିତ୍ୱ ତୁଲାଇଛନ୍ତି। ଏହା ସମେତ ସେ ୧ ହଜାରରୁ ଉର୍ଦ୍ଧ୍ୱ ଶବ ସତ୍କାର (ଦାହ) କରିଆସିଛନ୍ତି। କିଛି ମାସ ହେବ ସେ ଅସୁସ୍ଥ ରହି ଚିକିତ୍ସିତ ହେଉଥିଲେ।

## ବିଏସଏଫ ପକ୍ଷରୁ ଜନସମ୍ପର୍କ ଶିବିର



**ଝରିଗାଁ,୧୯।୧(ସ୍ୱ.ପ୍ର):** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଇଛାପୁର ପଞ୍ଚାୟତର କେବେଡିଠାରେ ୧୫ ବାଟାଲିୟନ ବିଏସଏଫ ପକ୍ଷରୁ ଜନସମ୍ପର୍କ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଏସଏଫ କମାଣ୍ଡାଣ୍ଟ ବିକ୍ରମ ଶର୍ମା ଯୋଗ ଦେଇ ଜନସମ୍ପର୍କ ଶିବିର ଦ୍ୱାରା ବିଏସଏଫ ଓ ଲୋକଙ୍କ ମଧରେ ସୁସମ୍ପର୍କ ସ୍ଥାପନ ହେବ। ଯବାନ ଲୋକଙ୍କ ସୁରକ୍ଷା ପାଇଁ ମୁତୟନ ହୋଇଥିବାରୁ ଭୟଭୀତ ନ ହୋଇ ସହଯୋଗ କରିବାକୁ ନିବେଦନ କରିଥିଲେ। ଏହି ଅବସରରେ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରି ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ସାମଗ୍ରୀ ଗ୍ରାମବାସୀଙ୍କୁ ବଣ୍ଟନ କରାଯାଇଥିବା ବେଳେ ଯୁବକମାନଙ୍କୁ ଭଲିବଲ, ଫୁଟବଲ, ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ସେହିପରି ଏକ ଡାକ୍ତରୀ ଦଳ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଝରିଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରମୋଦ କୁମାର ନାୟକ, ତହସିଲଦାର କ୍ଷେମାନିଧି ଭୋଇ, ମେଡିକାଲ ଅଫିସର ଆଶୁତୋଷ ମିଶ୍ର, ସରପଞ୍ଚ କୁନ୍ତି ସାନ୍ତା ଉପସ୍ଥିତ ଥିଲେ।

# କାଜୁ ବଗିଚାକୁ ନେଇ ବିବାଦ

### ଅତିରିକ୍ତ ଏସପିଙ୍କ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ

**ନବରଙ୍ଗପୁର,୧୯।୧(ବି.ପ୍ର.)**

କାଜୁ ବଗିଚାକୁ ନେଇ ଲାଗିଥିବା ବିବାଦର ସମାଧାନ ପାଇଁ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବାଣୁଆଗୁଡା ପଞ୍ଚାୟତ ଅଧିନ ପଣଶ ଗାଁର ୫୦ ପରିବାର ଶନିବାର ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିଲେ। ତେବେ ଜିଲାପାଳଙ୍କୁ ସାକ୍ଷାତ କରି ପାରି ନଥିଲେ। ପରେ ଅତିରିକ୍ତ ଏସପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ୫୦ ପରିବାରଙ୍କ ଫଳ ଭୋଗ କାଜୁ ବଗିଚାକୁ ନିଜର ଅକ୍ତିଆରରେ ରଖିବା ପାଇଁ ପଣଶଗାଁରେ ୩ଜଣ ବ୍ୟକ୍ତି ଝଗଡା କରି ଆସୁଛନ୍ତି। ଏନେଇ ଝରିଗାଁ ତହସିଲଦାର, ଥାନା ଓ ଜିଲାପାଳଙ୍କ ନିକଟରେ ଗତ ୧୦ ଦିନ ତଳେ ୫୦ ପରିବାର ଅଭିଯୋଗ କରିଥିଲେ। ତେବେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଗୁରୁବାର ଡମାଇଭତ୍ରା କାଜୁ ବଗିଚା ଜଗିବାକୁ ଯାଇଥିଲେ। ସେହି ସମୟରେ ଜଣେ ବ୍ୟକ୍ତି ଡମାଇଙ୍କୁ ମାଡ ମାରିବା ସହ ସୁନା ଅଳଙ୍କାର ନେଇ ଯାଇଥିବା ଝରିଗାଁ ଥାନାରେ ଅଭିଯୋଗ ହୋଇଛି। ତେବେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ୫୦ ପରିବାର ଅତିରିକ୍ତ ଏସପିଙ୍କୁ ଭେଟି ଶନିବାର ଅଭିଯୋଗ କରିଛନ୍ତି। ଏନେଇ ଅତିରିକ୍ତ ଏସପି ଗଣ୍ଡଗୋଳ କରୁଥିବା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରି ନୋଟିସ କରିବାକୁ ଝରିଗାଁ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି। ପଣଶଗାଁର ୫୦ ପରିବାରଙ୍କୁ ସରକାରଙ୍କ ପକ୍ଷରୁ କାଜୁ ବଗିଚା ସୃଷ୍ଟି କରାଯାଇ ରକ୍ଷଣାବେକ୍ଷଣ ସହ ଗୋଟିଏ ପରିବାରକୁ ୨ ଏକର ଲେଖାଏଁ ଫଳଭୋଗ ପାଇଁ ୧୯୮୨ ମସିହାରୁ ଦିଆଯାଇଛି। ଯାହାର କି ପ୍ରମାଣ ଉକ୍ତ ପରିବାରଙ୍କ ନିକଟରେ ରହିଛି। ଏବେ କାଜୁ ଗଛରେ ଫୁଲ ହୋଇଛି। ଏହାର ରକ୍ଷଣାବେକ୍ଷଣ ପାଇଁ ହିତାଧିକାରୀମାନେ ଗଲେ ୩ ଜଣ ଗଣ୍ଡୋଗୋଳ କରୁଛନ୍ତି ବୋଲି ଦୀନବନ୍ଧୁ ମାଳି, ସଦା ଗୌଡ, ଖନେଶ୍ୱର ନାୟକ, ପଲାଦ ମାଳି, ଜୟସିଂ ମାଳି, ସନ୍ତୁଳା ମାଳି, ସୁବର୍ଣ୍ଣ ମାଳି ପ୍ରମୁଖ ଜଣାଇଛନ୍ତି।



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

# ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନ



ପ୍ଲାଷ୍ଟିକ ଫ୍ରି ଓଡିଶା ଅଭିଯାନରେ ସାମିଲ ହୋଇଥିବା କୋଇଲାରୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଛାତ୍ରୀମାନେ।

**ଡାବୁଗାଁ,୧୯।୧(ଡି.ଏନ.ଏ.)**

ଧରିତ୍ରୀ ଏବଂ ଓଡିଶା ପୋଷ୍ଟ ପକ୍ଷରୁ ପ୍ଲାଷ୍ଟିକ ଫ୍ରି ଓଡିଶା ଅଭିଯାନରେ ଶନିବାର ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ କୋଇଲାରୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସାମିଲ ହୋଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବେହେରା, ଶିକ୍ଷୟିତ୍ରୀ ପୁଷ୍ପଲତା ସାମଲ, ଶର୍ମିଳା ଜେନା, ପ୍ରମିଳା ମାଝୀ, ଶିକ୍ଷକ ବଲ୍ଲଭ ନାରାୟଣ ପଣ୍ଡା, ଭକଚନ୍ଦ ମାଝୀ, ରମାକାନ୍ତ ସାହୁ, ସମସ୍ତ ଛାତ୍ରୀ ଓ ଶିକ୍ଷୟିତ୍ରୀ ଶିକ୍ଷକ ମିଳିତ ହୋଇ ପାଳନ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀ ସାମିଲ ହୋଇଥିଲେ।

# ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

**ନବରଙ୍ଗପୁର,୧୯।୧(ଡି.ଏନ.ଏ.)**

ନବରଙ୍ଗପୁର ମହିଳା ମହାବିଦ୍ୟାଳୟ (କନିଷ୍ଠ)ର ବାର୍ଷିକ କ୍ରୀଡା ଉତ୍ସବ ଦୁଇଦିନ ଧରି ପାଳିତ ହୋଇ ଯାଇଛି। ମହାବିଦ୍ୟାଳୟର ମହିଳା ଅଧକ୍ଷା ସ୍ନେହଲତା ପଣ୍ଡା କ୍ରୀଡା ପତାକା ଉତ୍ତୋଳନ କରି ଏହାର ଶୁଭାରମ୍ଭ କରିଥିଲେ। କ୍ରୀଡା ପ୍ରଶିକ୍ଷକ ଶିବ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଉଦଯାପନ ଉତ୍ସବର ପ୍ରାରମ୍ଭରେ ମହାବିଦ୍ୟାଳୟର ୬ଶହ ୫୦ ଜଣ ଛାତ୍ରୀ ଏକତ୍ରିତ ହୋଇ ଖେଳ ପଡିଆରେ ମିଳିତ ଭାବେ ଆଦିବାସୀ ଢେମସା ନୃତ୍ୟୁ ପରିବେଷଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅଧକ୍ଷା ସ୍ନେହଲତା ପଣ୍ଡା କୃତୀ ଖେଳାଳିଙ୍କୁ ପୁରସ୍କାର ବିତରଣ କରିଥିଲେ। ଏଥିରେ ଯୁକ୍ତ ୨ର କଳାଛାତ୍ରୀ ସୁଭଦ୍ରା ଭତ୍ରା ବ୍ୟକ୍ତିଗତ ଭାବେ ଲଗାତାର ଦ୍ୱିତୀୟଥର ପାଇ ଚାମ୍ପିୟାନ ଆଖ୍ୟା ହାସଲ କରି ପୁରସ୍କୃତ ହୋଇଥିଲେ। ମହାବିଦ୍ୟାଳୟ ଛାତ୍ରୀ ମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧାପିକା ସାକିରା ବାନୋ, ସୁନିତା ପାତ୍ର, ଡଃ. ସୁଚେତା ଚୌଧୁରୀ, ସ୍ମିତା ତ୍ରିପାଠୀ, ଡଃ. ଶାବେରି ମିଶ୍ର, ବିମ୍ବଷ୍ଠା ବେହେରା, ମନୋଜ କୁମାର ପଟ୍ଟନାୟକ, ନିଲମ ଭତ୍ରା, ବିଶ୍ୱନାଥ ପୂଜାରୀ, ହେମଲତା ପରିଡା ସହଯୋଗ କରିଥିଲେ।





ମହିଳା ମହାବିଦ୍ୟାଳୟ ଅଧକ୍ଷା କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

## ବିଜେଡିର ବୈଠକ

**ଝରିଗାଁ,୧୯।୧(ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଧୋଡ୍ରା ପଞ୍ଚାୟତ ସଦର ଠାରେ ବିଜେଡି ପକ୍ଷରୁ ଶୁକ୍ରବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଉଦୟନାଥ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ସମ୍ମାନୀତ ଅତିଥିଭାବେ ଏମପି ବଳଭଦ୍ର ମାଝି, ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢୀ, ମଞ୍ଜୁଳା ମାଝି, ଝାଡେଶ୍ୱର ମହାନ୍ତି, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପ୍ରୀୟରଞ୍ଜନ ଦାସ, ଏମପିଙ୍କ ଉମରକୋଟ ବ୍ଲକ ପ୍ରତିନିଧି କାଳୁ ପଣ୍ଡା, ରାମଧର ମାଝୀ, ବ୍ଲକ ଯୁବ ସଭାପତି ଦୁର୍ଗାପ୍ରସାଦ ମାଝୀ, ବ୍ଲକ ଛାତ୍ର ଯୁବ ସଭାପତି ସୁଶାନ୍ତ ରାଓ, ପିଙ୍କୁ କାହାଳିଆ, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ଜିଲା ପରିଷଦ ସଭ୍ୟା ସୁମିତ୍ରା ପନକା, ଟିକଚନ୍ଦ ମାଝି ଉପସ୍ଥିତ ରହିଥିଲେ। ବୈଠକ ଆରମ୍ଭରେ ସିପିଆଇଏମ ଏବଂ କଂଗ୍ରେସ ଦଳର ରବି ସାନ୍ତା, ବାସୁ ଖମାରୀ, ଈଶ୍ୱର ଗୌଡଙ୍କ ନେତୃତ୍ୱରେ ହାତିବାଡି, ବେସରାଝରଣ, ବାଘବେଡା, ମାଥିଲିସାହି ଆଦି ବହୁ ଗ୍ରାମରୁ ଶତାଧିକ କର୍ମୀ ବିଜେଡି ରେ ଯୋଗ ଦେଇଥିଲେ। ଆଗାମୀ ନିର୍ବାଚନରେ କିପରି ଦଳ ସକ୍ରିୟ ହୋଇ ବିଜୟ ହାସଲ କରିପାରିବ ସେଥିପ୍ରତି ଗୁରତ୍ୱ ଦେବା ସହ ରାଜ୍ୟ ସରକାରଙ୍କ ସମସ୍ତ ଜନ ହିତାଧିକାରୀ ଯୋଜନାଗୁଡ଼ିକୁ ଠିକ୍ ସମୟରେ ହିତାଧିକାରୀଙ୍କୁ ପହଞ୍ଚାଇବା ନେଇ ମୁଖ୍ୟ ଅତିଥି ଗୁରୁତ୍ୱାରୋପ କରିଥିଲେ। ବୈଠକକୁ ବରୁଣ ପନକା, ଦୁବରାଜ ସିଂ, ଅଶୋକ ସିଂ, ଚମ୍ପାଲାଲ୍ ପନକା, ମାଧବ ଭତ୍ରା, ସୁଦାମ ହରିଜନ, ହେମନ୍ତ ପଲେଇ, ସନ୍ତୋଷ ବିଶୋଇ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଝରିଗାଁ ନିର୍ବାଚନ ମଣ୍ଡଳୀର ପ୍ରାୟ ୧୦ ହଜାର ମହିଳା ପୁରୁଷଙ୍କ ସମାଗମ ହୋଇଥିଲା। ଜନଗହଳି ଯୋଗୁ ଏପରିକି କିଛି ସମୟ ପାଇଁ ଉମରକୋଟ ଠାରୁ ଜୟପୁରକୁ ଯାଇଥିବା ମୁଖ୍ୟ ରାସ୍ତା ଧୋଡ୍ରା ଠାରେ ଗାଡି ଚଳାଚଳ ବନ୍ଦ ରହିଥିଲା।

■ସୁଖା ଅଞ୍ଚଳ ଚାଷୀଙ୍କ ପାଇଁ ପାଣି ବ୍ୟବସ୍ଥା

# ଚନ୍ଦାହାଣ୍ଡି ବ୍ଲକରେ ହେବ ୪ ଜଳସେଚନ ପ୍ରକଳ୍ପ

**ନବରଙ୍ଗପୁର,୧୯।୧(ବି.ପ୍ର.)**

ନବରଙ୍ଗପୁର ଜିଲାର ସୁଖା ଅଞ୍ଚଳ ଭାବେ ପରିଚିତ ଚନ୍ଦାହାଣ୍ଡି ବ୍ଲକରେ ଜଳସେଚନ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଉକ୍ତ ବ୍ଲକରେ ୪ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଜିଲାରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୫ଟି ଜଳ ସେଚନ ପ୍ରକଳ୍ପ ହାତକୁ ନିଆଯାଇଛି। ୨ଟି ପ୍ରକଳ୍ପ କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଚନ୍ଦାହାଣ୍ଡି ବ୍ଲକର ଚିତୁ ଘାଟ ପ୍ରକଳ୍ପ ପାଇଁ ୮ କୋଟି ଟଙ୍କା ବ୍ୟୟ କରାଯିବ। ଏହି ପ୍ରକଳ୍ପ ମାଧ୍ୟମରେ ୨୦୩ ହେକ୍ଟର ଜମି ଜଳସେଚିତ ହେବ। ଡାବୁଗାଁ ବ୍ଲକର ଟେପଟିଆମ୍ବ ପ୍ରକଳ୍ପ ପାଇଁ ୧୮ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ଏହି ପ୍ରକଳ୍ପ ଦ୍ୱାରା ୪୭୦ ହେକ୍ଟର ଜମି ଜଳସେଚିତ ହୋଇପାରିବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ନାବାର୍ଡ ଅନୁଦାନରେ ଉକ୍ତ ଦୁଇଟି ପ୍ରକଳ୍ପ କରାଯିବ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ପ୍ରଧାନ ଜଣାଇଛନ୍ତି। ଏହାଛଡା ଚନ୍ଦାହାଣ୍ଡି କୁହୁଡିଠାରେ ଜଳସେଚନ ପ୍ରକଳ୍ପ ମାଧମରେ ୯ଶହ ହେକ୍ଟର, ମାଲଗାଁ ଜଳସେଚନ ପ୍ରକଳ୍ପ ମାଧମରେ ୧୩୪୦ ଓ ରାଜକୋଟ ପ୍ରକଳ୍ପ ମାଧ୍ୟମରେ ୪୦୮ ହେକ୍ଟର ଜଳସେଚିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏନେଇ ଟେଣ୍ଡର ପ୍ରକ୍ରିୟା ଜାରି ରହିଥିବା ସେ କହିଛନ୍ତି। କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଜିଲାରେ ୮ ହଜାର ୫ଶହ ହେକ୍ଟର ଜଳସେଚନ ହୋଇ ପାରିଛି। ଚେକ୍ ଡ୍ୟାମ୍ ମାଧ୍ୟମରେ ୨ଶହ ହେକ୍ଟର ଜମିରେ ଜଳସେଚନ ସୁବିଧା କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

■ପୂଜାରୀଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ

# 'କ୍ରୀଡ଼ା ମାନସିକ ବିକାଶ କରିଥାଏ'



ସଭାରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଓ ଅନ୍ୟ ଅତିଥିମାନେ।

**ଚନ୍ଦାହାଣ୍ଡି,୧୯।୧(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତ ଅନ୍ତର୍ଗତ ପୂଜାରୀଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ତିନିଦିନ ଧରି ଚାଲିଥିବା କ୍ରୀଡା ଓ ବାର୍ଷିକ ଉତ୍ସବ ଶୁକ୍ରବାର ଉଦଯାପିତ ହୋଇଯାଇଛି। ପ୍ରଥମ ଦିବସରେ ମଶାଲ ଯାତ୍ରା ଓ କ୍ରୀଡା ପତାକା ଉତ୍ତୋଳନ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ସହ ଶୈକ୍ଷିକ କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ଲକ୍ଷ୍ମଣ ସାହୁଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଥମ ପରିଚାଳନା ସଭାପତି ତଥା ସାମାଜିକ କର୍ମୀ ମାଧବ ବିଶୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ମୁଖ୍ୟବକ୍ତା ବ୍ଲକ ଅଧକ୍ଷ ଟିକମ ସିଂ ନାୟକ, ସମ୍ମାନିତ ଅତିଥି ତହସିଲଦାର ହୃଦାନନ୍ଦ ସିଂ ମାଝି, ଗୋଷ୍ଠୀ ଶିକ୍ଷାଧିକାରୀ ଭଜନଲାଲ ମାଝି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶିଲା ପୋଦ୍ଦାର, ପୁରୁଷୋତ୍ତମ ପାରି, ସରପଞ୍ଚ କବିତା ପୂଜାରୀ, ସିଆରସିସି ବଳଭଦ୍ର ବିଶୋଇ, ଜଗଦିଶ ଗୌଡ, ସୁବାସ ଚନ୍ଦ୍ର ସାହୁ, ପ୍ରେମଚାନ୍ଦ ବିଶୋଇ, ଅବସରପ୍ରାପ୍ତ ଶିକ୍ଷକ ମିନକେତନ ସାହୁ, ଜିଲା ପରିଷଦ ସଭ୍ୟ ଶ୍ୟାମସୁନ୍ଦର ମାଝି, ବିଦ୍ୟାଳୟ ପୁରାତନ ଛାତ୍ର ତଥା ଖବରଦାତା ଦିଲୀପ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସାମାଜିକ କାର୍ଯ୍ୟକର୍ତ୍ତା ତଥା ବିଦ୍ୟାଳୟ ପୁରାତନ ଛାତ୍ର ଦ୍ରିଜନ ନାୟକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷା ସହ କ୍ରୀଡା ଶରୀର ଏବଂ ମାନସିକ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ମୁଖ୍ୟଅତିଥି କହିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସହକାରୀ ଶିକ୍ଷକ ସନ୍ତୋଷ ଖମାରୀଙ୍କ ରଚିତ ଏବଂ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୨ଟି ନାଟକ ସ୍ୱଚ୍ଛ ଭାରତ, ଗାଡିଆର ଗଣେଷ ମଞ୍ଚସ୍ଥ ହୋଇଥିଲା। ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ, ବୃନ୍ଦାବତୀ ମାଝି, ସଚିଦାନନ୍ଦ ବିଶୋଇ, ମଧୁ ମେହେର, ଫକିର ମଲ୍ଲିକ, ଦିବାକର ନାୟକ, ମଞ୍ଜୁଶ୍ରୀ କର, ତିଲଚନ୍ଦ୍ର ନାୟକ, ଗଣେଶ୍ୱର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧାନଗଦା ସହ ୬୦ ବସ୍ତା ଧାନ ଜଳିଗଲା

**ନବରଙ୍ଗପୁର,୧୯।୧(ବି.ପ୍ର)**

ନବରଙ୍ଗପୁର ଜିଲା ସଦର ବ୍ଲକ ବାସିନୀ ପଞ୍ଚାୟତ ମୂଷାଗୁଡା ଗାଁ ଅନନ୍ତ ଦାସଙ୍କ ଖଳାରେ ନିଆଁ ଲାଗି ଗୋଟିଏ ଧାନ ଗଦା ସହ ୬୦ ବସ୍ତା ଧାନ ଜଳି ଯାଇଛି। ଖବର ପାଇଁ ନବରଙ୍ଗପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅନନ୍ତ ୩ ଏକର ଜମିରେ ଧାନ ଚାଷ କରିଥିଲେ।

# ମହିଳା କଂଗ୍ରେସର ଉପଜିଲାପାଳଙ୍କୁ ସ୍ମାରକପତ୍ର



କଂଗ୍ରେସ ମହିଳା ନେତ୍ରୀମାନେ ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

**ନବରଙ୍ଗପୁର,୧୯।୧(ବି.ପ୍ର.)**

କନ୍ଧମାଳ ଜିଲାର ଦାରିଙ୍ଗିବାଡିଠାରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇ ମାଆ ହେବା ଘଟଣାକୁ ନେଇ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗରତ୍ନମାଙ୍କ ନେତୃତ୍ୱରେ ଶନିବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମହିଳା କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଉପଜିଲାପାଳ କରୁଣାକର ରାଇକାଙ୍କୁ ପ୍ରଦାନ କରାଯାଇଛି। ସ୍ମାରକ ପତ୍ରରେ ଶିଶୁ ଓ ମହିଳା ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରିବା ପାଇଁ ଦାବି କରାଯାଇଛି। ଏହାଛଡା ସମ୍ପୃକ୍ତ ନାବାଳିକାକୁ ସରକାର ସୁରକ୍ଷା ଯୋଗାଇଦେବା ସହ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଛି। ଏଥିରେ ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ରତ୍ନମଣି ଉଲକା, ସାଧାରଣ ସମ୍ପାଦିକା ବିଦ୍ୟାବେନୀ ସାହ, ଜିଲା ମହିଳା କଂଗ୍ରେସ ଉପ ସଭାନେତ୍ରୀ ଉଷୁନା ବାନୁ, ସାଧାରଣ ସଂପାଦିକା ପ୍ରଭାତୀ ତ୍ରୀପାଠୀ, ଉପ ସଭାନେତ୍ରୀ ପ୍ରଣତୀ ତ୍ରିପାଠୀ, ସଦର ବ୍ଲକ ମହିଳା ସଭାନେତ୍ରୀ ମିନତି ପଟ୍ଟନାୟକ, ପୂର୍ବତନ ପାପଡାହାଣ୍ଡି ଜିଲା ପରିଷଦ ସଭ୍ୟା ତୁଳସା ଭତ୍ରା, ସୁଲୋଚନା ସୌରା, ବୈଦେହୀ ମାଝୀ, ପଦ୍ମିନୀ ସାନ୍ତା, କମଳା ମୁଦୁଲି ସମେତ ଶତାଧିକ ମହିଳା କର୍ମୀ ସାମିଲ ରହିଥିଲେ।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ